Odia Daily
www.theutkalsamachar.com
ଉତ୍କଳ ସମାଚାର
ବୈପ୍ଳବିକ ଚେତନାର ମୁଖପତ୍ର
THE UTKAL SAMACHAR
PUBLISHED FROM ROURKELA, SAMBALPUR & BHUBANESWAR
Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:269✦25 January 2026 (Sunday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୬୯✦୨୫ ଜାନୁଆରୀ ୨୦୨୬ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ଆବୁଧାବିରେ ରୁଷ-ୟୁକ୍ରେନ ଶାନ୍ତି ଆଲୋଚନା :

ଆଞ୍ଚଳିକ ବିବାଦ ଚୁକ୍ତିରେ ସାଜିଛି ପ୍ରତିବନ୍ଧକ

ନୂଆଦିଲ୍ଲୀ,୨୪/୧ : ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ପାଇଁ ସଂଯୁକ୍ତ ଆରବ ଏମିରେଟ୍ସର ରାଜଧାନୀ ଆବୁଧାବିରେ ଏକ ମହାମନ୍ଥନ ଚାଲିଛି । ଏହି ତ୍ରିପାକ୍ଷିକ ବୈଠକରେ ଆମେରିକୀୟ ମଧ୍ୟସ୍ଥି ଭାବେ ଅଂଶଗ୍ରହଣ କରିଛନ୍ତି । ଏହାକୁ ରୁଷ-ୟୁକ୍ରେନ ଯୁଦ୍ଧରେ ଶାନ୍ତି ପାଇଁ ଏକ ପ୍ରମୁଖ ପଦକ୍ଷେପ ଭାବରେ ବିବେଚନା କରାଯାଉଛି । ଚାରି ବର୍ଷ ଧରି ଚାଲିଥିବା ଏହି ଭୟଙ୍କର ଯୁଦ୍ଧକୁ ବନ୍ଦ କରିବାରେ ଆଞ୍ଚଳିକ ବିବାଦ ଏବେ ବି ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି । ବର୍ତମାନ ସୁଦ୍ଧା ଆଲୋଚନାକାରୀଙ୍କ ମଧ୍ୟରେ କୌଣସି ଠୋସ୍ ବୁଝିର ସ୍ପଷ୍ଟ ସଙ୍କେତ ମିଳୁନାହିଁ । ଫଳରେ ବିଶ୍ୱରେ ଏନେଇ ଚିନ୍ତା ବୃଦ୍ଧି ପାଉଛି । ଆବୁଧାବିରେ ଆରମ୍ଭ ହୋଇଥିବା ଏହି ବୈଠକ ଶନିବାର ସକାଳ ପର୍ଯ୍ୟନ୍ତ ଜାରି ରହିଥିଲା । ଆଲୋଚନାରେ ଆଞ୍ଚଳିକ ପ୍ରସଙ୍ଗଗୁଡ଼ିକୁ ପ୍ରାଥମିକତା ଦିଆଯାଇଛି । ୟୁକ୍ରେନ୍ ଓ ରୁଷର ଆଲୋଚନାକାରୀମାନେ ଶତ୍ରୁତାକୁ ରୋକିବା ପାଇଁ ବୀର୍ଘ ଆଲୋଚନା କରିଥିଲେ, କିନ୍ତୁ ପ୍ରାରମ୍ଭିକ ଫଳାଫଳ କମ୍ ଉତ୍ସାହଜନକ ରହିଥିଲା । ଉଭୟ ପକ୍ଷ ସେମାନଙ୍କ ସ୍ଥିତିରେ ଅଟଳ ରହିଥିବାରୁ ଦୁଇ ଦେଶ ମଧ୍ୟରେ କୌଣସି ବଡ଼ ବୁଝି ହୋଇ ପାରିନାହିଁ । ୟୁକ୍ରେନ ପ୍ରବଳ ଥଣ୍ଡା ଓ ଗମ୍ଭୀର ଶକ୍ତି ସଙ୍କଟର ସମ୍ମୁଖୀନ ହେଉଥିବା ସମୟରେ ରୁଷ-ୟୁକ୍ରେନ ଶାନ୍ତି ଆଲୋଚନା ହେଉଛି, ଯାହା ସାଧାରଣ ଜୀବନଯାତ୍ରାକୁ ବ୍ୟାହତ କରୁଛି । ଶକ୍ତି ବ୍ୟବସ୍ଥା ଉପରେ ରୁଷର ଆକ୍ରମଣ ଯୋଗୁ କିଭ୍ ଭଳି ପ୍ରମୁଖ ସହରରେ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଛି । ତାପମାତ୍ରା ଶୂନ୍ୟ ତଳକୁ ଖସିଯାଇଥିବାବେଳେ ଯୁଦ୍ଧ ବନ୍ଦ କରିବା ଓ ଶାନ୍ତି ଫେରାଇ ଆଣିବା ପାଇଁ ଆମେରିକା ମଧ୍ୟ ୟୁକ୍ରେନ ଉପରେ ଚାପ ବୃଦ୍ଧି କରୁଛି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ୟୁକ୍ରେନକୁ ଡୋନେଟସ୍କ ଅଟଂଳର ଡୋନବାସର ୨୦ ପ୍ରତିଶତ ହସ୍ତାନ୍ତର କରିବାକୁ ଦାବି କରୁଛନ୍ତି ଯାହାକୁ ବର୍ତମାନ ସେ ନିଜ ବଶକୁ ନେଇଛନ୍ତି । ଏହି ବିବାଦୀୟ ଅଟଂଳର କ୍ଷେତ୍ରଫଳ ପ୍ରାୟ ୫,୦୦୦ ବର୍ଗ କିଲୋମିଟର । ପୁତିନ ଯୁଦ୍ଧ ବନ୍ଦ କରିବା ପାଇଁ ଯେଉଁକୌଣସି ମୂଲ୍ୟରେ ଏହାକୁ ହାସଲ କରିବାକୁ ଚାହୁଁଛନ୍ତି । ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନସ୍କି ସ୍ପଷ୍ଟ କରିଛନ୍ତି ଯେ, ସେ ସେହି ଅଟଂଳଗୁଡ଼ିକୁ ଛାଡିବେ ନାହିଁ ଯାହାକୁ ରୁଷ ଚାରି ବର୍ଷ ମଧ୍ୟରେ ଜିତିପାରିନାହିଁ । ରାଷ୍ଟ୍ରପତି ଜେଲେନସ୍କି ଡାଭୋସରେ କହିଥିଲେ ଯେ, ଯୁଦ୍ଧ ଆରମ୍ଭ ହେବା ପରେ ଆବୁଧାବି ବୈଠକ ହେଉଛି ପ୍ରଥମ ତ୍ରିପାକ୍ଷିକ ବୈଠକ । ସମାଧାନ ଖୋଜିବା ପାଇଁ ଆମେରିକୀୟ ମଧ୍ୟସ୍ଥତାରେ ୟୁକ୍ରେନ୍ ଓ ରୁଷର ପ୍ରତିନିଧିମାନେ ସାମିଲ ହୋଇଛନ୍ତି, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତନ । ପୂର୍ବ ବୈଠକ ୨୦୨୨ରେ ଇସ୍ତାନବୁଲରେ ହୋଇଥିଲା । ବିଶେଷଜ୍ଞଙ୍କ ଅନୁସାରେ ଯଦି ବିବାଦୀୟ ଅଟଂଳ ଉପରେ ଦୁଇ ଦେଶ ମଧ୍ୟରେ କୌଣସି ବୁଝି ନହୁଏ, ତେବେ ଯୁଦ୍ଧ ଅଧିକ ଲମ୍ବା ହେବାର ସମ୍ଭାବନା ରହିଛି ।

ଏଣିକି ସୋମବାର ହେବନି ସରକାରୀ ବୈଠକ

ଭୁବନେଶ୍ୱର,୨୪/୧(ନି/ପ୍ର): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଜରୁରୀ ନିର୍ଦ୍ଦେଶ ଯେ ଏଣିକି ସୋମବାର ଦିନ କୌଣସି ସରକାରୀ ବୈଠକ ହେବନାହିଁ । ସବୁ ବିଭାଗକୁ ମୁଖ୍ୟ ଶାସନ ସଚିବ ଏନେଇ ନିର୍ଦ୍ଦେଶ ଜାରି କରିଛନ୍ତି । ପ୍ରତ୍ୟେକ ସୋମବାର ଦିନ ସରକାରୀ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ରଖୁଥିବାରୁ ଏଭଳି ନିଷ୍ପତି ନିଆଯାଇଛି । ଅଭିଯୋଗ ଶୁଣାଣିକୁ ଗୁରୁତ୍ୱ ଦେବାକୁ କୁହାଯାଇଛି । ଏନେଇ ସଚିବ ସ୍ତରୀୟ ବୈଠକରେ ଆଲୋଚନା ହେବା ପେ ନିର୍ଦ୍ଦେଶ ଜାରି କରିଛନ୍ତି

ଆଇନମନ୍ତ୍ରୀଙ୍କୁ ଭେଟିଲେ ଦିଲ୍ଲୀପ ରାୟ

ରାଜ୍ୟସଭା ଯିବା ନେଇ ଚର୍ଚ୍ଚା

ଭୁବନେଶ୍ୱର, ୨୪/୧(ନି/ପ୍ର): ରାଜ୍ୟସଭାକୁ କିଏ ଯିବେ ? ଯାହାକୁ ବାଛିବ ବିଜେପି ? ଏମିତି ଚର୍ଚ୍ଚା ଏବେ ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହାରି ଭିତରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଦିଲ୍ଲିପ ରାୟ ଆଇନମନ୍ତ୍ରୀଙ୍କୁ ଭେଟିଛନ୍ତି । ଅଧ ଘଣ୍ଟାରୁ ଅଧିକ ସମୟ ସେ ରହିଥିଲେ । ସେମାନଙ୍କ ଭିତରେ ଆଲୋଚନା କରାଯାଇଥିବାବେଳେ ଚର୍ଚ୍ଚା ହେଉଛି କି, ଚତୁର୍ଥ ଆସନରେ ରାଜ୍ୟସଭାକୁ ଯାଇପାରନ୍ତି ଦିଲ୍ଲୀପ ରାୟ । ମାତ୍ର ସାମ୍ବାଦିକଙ୍କ ଏହି ପ୍ରଶ୍ନରେ କୌଣସି ଉତ୍ତର ରଖିନଥିଲେ ଦିଲ୍ଲୀପ ରାୟ । ସେପରେ ଭେଟଘାଟକୁ ନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି ଆଇନମନ୍ତ୍ରୀ । ସେ କହିଛନ୍ତି କି, ତାଙ୍କ ସହ ମୋର ପାରିବାରିକ ସମ୍ପର୍କ ।ସେ ସବୁବେଳେ ମୋ ପାଖକୁ ଆସନ୍ତି । ସେ ମୋ ବାପାଙ୍କୁ ଦେଖୁଥିବାବେଳେ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । କହି ରଖୁଛୁ କି, ଦୁଇଦିନ ତଳେ ଗଣମାଧ୍ୟମ ଆଗରେ ଆଇନ ମନ୍ତ୍ରୀ କହିଥିଲେ, ଚତୁର୍ଥସିଟ ବିଜେପି ହାତକୁ ଯିବ, ଜିତିବାର ଗଣ୍ଡୀଶକ ଆମକୁ ଜଣା ଅଛି । ଏହାପରେ ଏହି ଭେଟ ଘାଟ ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଛି ।ସବୁଠି ଗୋଟିଏ ଚର୍ଚ୍ଚା କିଏ ଯିବେ ରାଜ୍ୟସଭା । ଖାଲି ପଡ଼ିବ ୪ ଆସନ । ସେଉଁଥିରେ ବିଜେପି ୨ଟି ଏବଂ ବିଜେଡି ଜଣେ ପ୍ରାର୍ଥୀ ଦେବ । ତେବେ ଚତୁର୍ଥଆସନ ପାଇଁ କଣ ହେବ କୁଝାମଣା ଏବେ ଏହାକୁ ନେଇ ରାଜନୈତିକ ହାଇଡ୍ରାମା ଆରମ୍ଭ ହୋଇଛି । ତେବେ ରାଜ୍ୟସଭା ଅଙ୍କ ଭିତରେ ପ୍ରତିକ୍ରିୟା ରଖୁଛନ୍ତି ବରିଷ୍ଠ ନେତା ପ୍ରଶାନ୍ତ ମୁଦୁଲି । ସେ କହିଛନ୍ତି କି, ଖାଲି ପଡ଼ିଥିବା ୪ ଆସନକୁ ବିଜେଡି ଗୋଟିଏ ନେବା ନିଶ୍ଚିତ । ତେବେ ଦ୍ୱିତୀୟ ଆସନ ପାଇଁ ନିଷ୍ପତି ନିଆଯିବ । ଯାହାକି ଆଲୋଚନା ସ୍ତରରେ ଅଛି । ଆମ ନେତା ନବୀନ ପଟ୍ଟନାୟକ ଠିକ୍ ସମୟରେ ନିଷ୍ପତି ନେବେ । ରାଜ୍ୟସଭା ଯିବା ପାଇଁ ଯେଉଁ ମାନଦଣ୍ଡ ଅଛି ସେଥିରେ ଅନେକ ନେତା ରହିଛନ୍ତି ।

ଇଣ୍ଡୋନେସିଆ ପଶ୍ଚିମ ଜାଭାଦ୍ୱୀପରେ ବଡ଼ ଧରଣର ଭୂସ୍ଖଳନ

୭ ମୃତ, ୮୦ରୁ ଅଧିକ ନିଖୋଜ

ଇଣ୍ଡୋନେସିଆ,୨୪/୧ : ଇଣ୍ଡୋନେସିଆର ପଶ୍ଚିମ ଜାଭା ପ୍ରଦେଶରେ ଭୂସ୍ଖଳନରେ ୭ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଏଥିସହ ୮୦ରୁ ଅଧିକ ଲୋକ ନିଖୋଜ ଥିବା ଇଣ୍ଡୋନେସିଆର ବିପର୍ଯ୍ୟୟ ସଂସ୍ଥା ବା ଣ୍ଡପରେ ମୁଖପାତ୍ର ଅବଦୁଲ ମୁହାରୀ ଏନେଇ ସୂଚନା ଦେଇଛନ୍ତି । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟକରିଛି ଯେ, ଶନିବାର ସ୍ଥାନୀୟ ସମୟ ରାତି ୨ଟାରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ ହୋଇଥିଲା । ଲୋକଙ୍କ ଉଦ୍ଧାର ପାଇଁ ସନ୍ଧାନଅଭିଯାନ ଜାରିରହିଛି ।ଶନିବାର ସକାଳେ ପଶ୍ଚିମ ଜାଭା ପ୍ରଦେଶର ବାଙ୍ଗଡୁଙ୍ଗରେ ଅକସ୍ମାତ ଭୂସ୍ଖଳନ ହୋଇଥିଲା, ଯେଉଁଥିରେ ୭ ଜଣଙ୍କର ମୃତ୍ୟୁ ହୋଇଥିଲା ।ଶନିବାର ସକାଳେ ବୃଷ୍ଟିପାତ ଯୋଗୁଁ ପାଚଲିଛେଲରୁ ମନାଲିପର୍ଯ୍ୟନ୍ତ ପ୍ରାୟ ୧୬ କିଲୋମିଟର ଲମ୍ବା ଟ୍ରାଫିକ ଜାମ୍ ହୋଇଥିଲା । ଏହି ଜାମ୍ ରେ ଅନେକ ପର୍ଯ୍ୟଟକ ଫସି ରହିଥିଲେ । ରିପୋର୍ଟ ଅନୁଯାୟୀ ମନାଲିରେ ଦୁଇଫୁଟରୁଅଧିକ ବୃଷ୍ଟିପାତ ହୋଇଛି ।

ବଦଳିଲା ବଜେଟ୍ ପରମ୍ପରା : ରେଳ ଓ ସାଧାରଣ ବଜେଟ୍‌ର ଏକତ୍ର ଯାତ୍ରା

ନୂଆଦିଲ୍ଲୀ,୨୪/୧: ସବୁ ବର୍ଷ ବଜେଟ୍ ପ୍ରସ୍ତୁତ କରାଯାଇଥାଏ । ଲୋକମାନେ ଚାହିଁ ବସିଥାଆନ୍ତି କି ବଜେଟରେ ଏଥର ନିଶ୍ଚିତ କିଛି ବିଶେଷ ସୁବିଧା ସୁଯୋଗ ମିଳିବ । ଯେତେବେଳେ ପ୍ରଥମ ଥର ପାଇଁ ସାଧାରଣ ବଜେଟ୍ ଓ ରେଳ ବଜେଟକୁ ନେଇ ଏକ ଜାମତଚା ବଜେଟ୍ ପ୍ରକାଶ ପାଇଥିଲା , ସେତେବେଳେ ସବୁଠାରୁ ପ୍ରଥମ ବୈଦେଶିକ ମନ୍ତ୍ରୀ ଅରୁଣ ଜେଟଲି ସେହି ବଜେଟକୁ ପ୍ରସ୍ତୁତ କରିଥିଲେ । ପ୍ରଥମେ ୨୦୨୭ ମସିହାରେ ରେଳ ବଜେଟ୍ ଉପରେ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା । ଏଥର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦୁଇଥର ରେଳ ବଜେଟ୍ ପ୍ରସ୍ତୁତ କରିବେ । ଅର୍ଥମନ୍ତ୍ରୀ ହିସାବରେ ସେ ନବମ ଥର ପାଇଁ ବଜେଟ୍ ଲୋକଲୋଚନକୁ ଆଣିବେ । ନିର୍ମଳା ସୀତାରମଣ ପ୍ରଥମଥର ପାଇଁ ବଜେଟ୍ ଉପସ୍ଥାପନ କରିଥିଲେ ୫ ଜୁଲାଇ ୨୦୧୯ ମସିହାରେ । ମୋଦୀ ସରକାର ଆସିବା ପରେ ଅନେକ ପରିବର୍ତ୍ତନ ହୋଇଛି । ଅନେକ ପୁରୁଣା ପରମ୍ପରା ମଧ୍ୟ ବଦଳିଛି । ଯେଉଁଥିରେ ରେଳ ବଜେଟ୍ ମଧ୍ୟ ସାମିଲ ଅଛି । ମୋଦି ସରକାର ଆସିବା ପରେ ୨୦୧୭ ମସିହାରେ ଏହି ସବୁ ପରିବର୍ତ୍ତନ ହୋଇଥିଲା । ମୋଦି ସରକାର ସାଧାରଣ ବଜେଟ ଓ ରେଳ ବଜେଟକୁ ଅଲଗା ଅଲଗା ପ୍ରସ୍ତୁତ କରିବା ପରମ୍ପରାକୁ ଭାଙ୍ଗିଥିଲେ । ଯାହାପରେ ରେଳ ବଜେଟ୍ ଓ ୟୁନିଅନ୍ ବଜେଟ୍ ଏକା ସାଙ୍ଗରେ ପ୍ରସ୍ତୁତ କରାଯାଇଥିଲା । ବଜେଟ୍ ଇତିହାସ ବିଷୟରେ ଯଦି ଆମେ ଦେଖିବା ତେବେ ଆଗରୁ ଦେଶ ୨ ଥର ବଜେଟ୍ ଉପସ୍ଥାପନ କରୁଥିଲା । ଯେଉଁଥିରେ ପ୍ରଥମ ରେଳ ବଜେଟ୍ ଓ ଦ୍ୱିତୀୟରେ ସାଧାରଣ ବଜେଟ୍ ଥିଲା । ସାଧାରଣ ବଜେଟରେ ସରକାରୀ ଶିକ୍ଷା, ସ୍ୱାସ୍ଥ୍ୟ, ଦେଶର ଆର୍ଥିକ ବିକାଶ ଏହି ସବୁ ଦିଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା । ରେଳ ସମ୍ବନ୍ଧୀୟ ଘୋଷଣା ସବୁ ଅନ୍ୟ ଏକ ବଜେଟରେ ଉପସ୍ଥାପନ କରାଯାଉଥିଲା । ରେଳ ବଜେଟ୍ ପ୍ରଥମ ଥର ପାଇଁ ୧୯୨୪ ମସିହାରେ ବ୍ରିଟିଶ୍ ଶାସନ କାଳରେ ଉପସ୍ଥାପନ କରାଯାଇଥିଲା । ଏହା ପରେ ଯେଉଁଦିନ ବଜେଟ୍ ଉପସ୍ଥାପନ କରିବାର ଥାଏ ପ୍ରଥମେ ସାଧାରଣ ବଜେଟ୍ ଏବଂ ତାହା ପର ଦିନ ରେଳ ବଜେଟ୍ ଉପସ୍ଥାପନ କରାଯାଇଥାଏ । କିନ୍ତୁ ଭାରତ ସରକାର ୨୦୧୭ ମସିହାରେ ସାଧାରଣ ବଜେଟ୍ ସହ ରେଳ ବଜେଟକୁ ମିଶାଇ ଦେଇଥିଲେ । ଏହା ପରେ ସଂସଦ ଭବନରେ ୧ ଫେବ୍ରୁଆରି ଠାରୁ ଗୋଟିଏ ବଜେଟ୍ ଆକାରରେ ଉପସ୍ଥାପନ କରାଗଲା । ବର୍ତ୍ତମାନ ଧରି ଚାଲିଥିବା ଏହି ପରମ୍ପରାକୁ ଭଙ୍ଗ କରାଯାଇଥିଲା । ପରେ କମନ୍ ବଜେଟ୍ ପ୍ରସ୍ତୁତ କରାଯାଇଥିଲା । ପ୍ରଥମ ସାଂସଦ ସଂସଦରେ ଉପସ୍ଥାପନ କରିଥିଲେ ମନ୍ତ୍ରୀ ଅରୁଣ ଜେଟଲୀ । ଏଠାରେ ଉଲ୍ଲେଖ ଯୋଗ୍ୟ ସରକାରଙ୍କୁ ଏହି ପରିବର୍ତ୍ତନ କିଏ ସୁପାରିଶ କରିଥିଲେ ? ତେଣୁ, ଜଣାଇ ଦିଆଯାଉଛି ଯେ ନୀତି ଆୟୋଗ ବ୍ରିଟିଶ ଶାସନ ସମୟ.. ସମୟରୁ ଚାଲିଆସୁଥିବା ଏହି ପରମ୍ପରାକୁ ସମାପ୍ତ କରିବାକୁ ପରାମର୍ଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ପାଇଁ କଂଗ୍ରେସର ଉଦ୍ୟମ:

ଶହ ଶହ ଯୁବ ନେତାଙ୍କ ବିକ୍ଷୋଭ

ଭୁବନେଶ୍ୱର,୨୪/୧(ନି/ପ୍ର):ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ପାଇଁ କଂଗ୍ରେସର ଉଦ୍ୟମ । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାରୀ ବାସଭବନ ଘେରିବାକୁ ଯୁବ କଂଗ୍ରେସ ଉଦ୍ୟମ କରିଛି । ଶହ ଶହ ସଂଖ୍ୟାରେ କଂଗ୍ରେସର ଯୁବକ ମାନେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଆଡ଼କୁ ମାଡ଼ି ଆସୁଛନ୍ତି । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏଜି ଛକରୁ ଲୋକଭବନ ପର୍ଯ୍ୟନ୍ତ ରାସ୍ତା ସିଲ୍ କରିଛି କମିଶନରେଟ ପୁଲିସ । ସାମାଜିକ ଓ ସମ୍ବିଧାନ ସୁରକ୍ଷା ଏବଂ ସଂଖ୍ୟାଲଘୁଙ୍କ ସୁରକ୍ଷା ଦାବିରେ ଯୁବ କଂଗ୍ରେସ ପକ୍ଷର ବିଶାଳ ଗଣଧାରଣା ହେଉଛି । ସମାଜରେ ବଢ଼ି ଚାଲିଥିବା ଧାର୍ମିକ ଘୃଣା, ବିଦ୍ୱେଷ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଉପରେ ହେଉଥିବା ଅତ୍ୟାଚିତ ଆକ୍ରମଣ ବିରୁଦ୍ଧରେ ପ୍ରତିବାଦର ସ୍ୱର ଉଠାଇଛି କଂଗ୍ରେସ । ସମ୍ବିଧାନରେ ଥିବା ସମସ୍ତ ମୌଳିକ ଅଧିକାରର ସୁରକ୍ଷା ,ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ହିଂସା କ୍ଷେତ୍ରରେ କଠୋର ବଣ୍ଡବିଧାନ ଏବଂ ସମାଜରେ ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା ପାଇଁ ଦାବି କରିଛି ଦଳ ।

୬୧ ହଜାର ଚାକିରି ବାଟିଂଲେ ମୋଦୀ

''ଗତ ୫-୭ ବର୍ଷ ମଧ୍ୟରେ ଯେତେବେଳେ ଆପଣ ସରକାରଙ୍କ ସହିତ ସମ୍ପର୍କସ୍ଥାପନ କରିଥିଲେ, ତାହା ସରକାରୀ କାର୍ଯ୍ୟାଳୟ ହେଉ କିମ୍ବା ଅନ୍ୟ କୌଣସି ଉପାୟରେ କିଛି ଅସୁବିଧାର ସମ୍ମୁଖୀନ ହୋଇଥିଲେ କିମ୍ବା କିଛି ତ୍ରୁଟି ଲକ୍ଷ୍ୟ କରିଥିଲେ । ସେହି ସମୟ ବିଷୟରେ ଚିନ୍ତା କରନ୍ତୁ । ଏବେ ଏହା ଆପଣଙ୍କ ଉପରେ ନିର୍ଭର କରେ ଯେ ଆପଣଙ୍କ ସରକାରରେ କାର୍ଯ୍ୟକାଳ ମଧ୍ୟରେ ଆପଣଙ୍କୁ ଅସୁବିଧା ସୃଷ୍ଟି କରୁଥିବା ସମସ୍ତ ଜିନିଷ ଅନ୍ୟ କାହାକୁ କଷ୍ଟ ନ ଦେଉ । ସରକାରଙ୍କ ଅଂଶ ହୋଇଥିବାରୁ, ଆପଣଙ୍କୁ ଆପଣଙ୍କ ସ୍ତରରେ ଛୋଟ ଛୋଟ ସଂସ୍ଥାରୁ ଗୁଣ୍ଡିତ କରିବାକୁ ପଡିବ ।

ନୂଆଦିଲ୍ଲୀ,୨୪/୧ : ନିଯୁକ୍ତିପତ୍ର ପାଇଲେ ନବନିଯୁକ୍ତ ଯୁବକ, ଯୁବତୀ । ୬୧ ହଜାରରୁ ଅଧିକ ପ୍ରାର୍ଥୀଙ୍କୁ ମିଳିଲା ଚାକିରି । ଆଜି (ଶନିବାର) ୧୮ତମ ରୋଜଗାର ମେଳା ଅନୁଷ୍ଠିତ ହୋଇଛି । ବିଭିନ୍ନ ସରକାରୀ ବିଭାଗରେ ନବନିଯୁକ୍ତ ଯୁବକ ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ନବନିଯୁକ୍ତଙ୍କୁ ଟିପ୍ସ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଏହି ସମୟ ତୁମଙ୍କୁ ସମ୍ବିଧାନ ପ୍ରତି ଆପଣଙ୍କର ଦାୟିତ୍ୱର ନିକଟତର କରୁଛି । ୨୪ ଜାନୁଆରୀରେ, ଆମର ସମ୍ବିଧାନ ଜନ ଗଣ ମନକୁ ଜାତୀୟ ସଙ୍ଗୀତ ଭାବରେ ଏବଂ ବନ୍ଦେ ମାତରମକୁ ଜାତୀୟ ଗୀତ ଭାବରେ ଗ୍ରହଣ କରିଛି । ଏହି ନିଯୁକ୍ତି ପତ୍ର ଏକ ପ୍ରଗତିର, ରାଷ୍ଟ୍ର ନିର୍ମାଣ ପାଇଁ ଏକ ନିମନ୍ତ୍ରଣ ପତ୍ର । ଏହା ଏକ ବିକଶିତ ଭାରତ ଆଡ଼କୁ ବିଗଦର୍ଶନ ଦେବା ପାଇଁ ଏକ 'ସଂକଳ୍ପ ପତ୍ର' । ନିଯୁକ୍ତିପତ୍ର ବାଟି ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି,

କଂଗ୍ରେସକୁ ଝଟ୍‌କା : ୪୧ଜଣ ମୋଦିଙ୍କ ସମର୍ଥକ ଦେଲେ ଇସ୍ତଫା

ଭୁବନେଶ୍ୱର,୨୪/୧(ନି/ପ୍ର): ପୁଣି ପିସିସି ସଭାପତିଙ୍କ ନେତୃତ୍ୱକୁ ନେଇ କଂଗ୍ରେସରେ ବିବାଦ । ୪୧ଜଣ କଂଗ୍ରେସ କର୍ମୀ ଯେଉଁମାନେ କି ମୋଦିମାଙ୍କ ସମର୍ଥକ ସେମାନେ ଆଜି ଇସ୍ତଫା ଦେଇଛନ୍ତି । ପୂର୍ବତନ ବିଧାୟକ ମହମ୍ମଦ ମୋଦିମ କଂଗ୍ରେସକୁ ନିଲମ୍ବନ ହେବା ଦିନଠୁ ଏମାନେ ଅସନ୍ତୋଷରେ ଥିଲେ । ତେବେ ଏମାନେ ସମସ୍ତେ ଆଜି ନିଜର ଅସନ୍ତୋଷ ପ୍ରକାଶ କରି ଇସ୍ତଫା ଦେଇଛନ୍ତି । ସେମାନଙ୍କ ମଧ୍ୟରେ ମୁଖପାତ୍ର, ଯୁବ ନେତା, ପୂର୍ବତନ ପିସିସି ସମ୍ପାଦକ, ପୂର୍ବତନ କର୍ପୋରେଟର ଏବଂ ବ୍ଲକ ଅଧ୍ୟକ୍ଷ ରହିଛନ୍ତି । ପଚାଂୟତ ନିର୍ବାଚନ ପୂର୍ବରୁ ଏହି ସବୁ ବୃଣମୂଳ ସ୍ତରର ନେତାଙ୍କ ଇସ୍ତଫା ଦେବା ଦଳ ପାଇଁ ମହଙ୍ଗା ପଡିପାରେ ବୋଲି ରାଜନୈତିକ ବିଶେଷଜ୍ଞ ମାନେ ସୂଚନା ଦେଇଛନ୍ତି । ଯେଉଁମାନେ ଦଳ ଛାଡିଛନ୍ତି ସେମାନେ ମୋଦିମାଙ୍କ ଦୃଢ଼ ସମର୍ଥକ, ସବୁବେଳେ ସେମାନେ ମୋଦିମାଙ୍କ ସହ ରହିଆନ୍ତି । ଜୁହାରାଉଛି ଯେ ଏହା ୪୧ଜଣ କର୍ମୀ ଆଗାମି ମୋଦିମାଙ୍କ ନୂଆ ଦଳରେ ସାମିଲ ହୋଇପାରନ୍ତି ।

ଭେନେଜୁଏଲା ପରେ ଏବେ କ୍ୟୁବା ପାଳି :

ଶାସନ ପରିବର୍ତ୍ତନ ପାଇଁ ଟ୍ରମ୍ପ ପ୍ରଶାସନର ପ୍ରସ୍ତୁତି

ୱାଶିଂଟନ/ହାଭାନା,୨୪/୧ : ଭେନେଜୁଏଲାରେ ନିକୋଲାସ ମାଦୁରୋଙ୍କୁ କ୍ଷମତାରୁ ହଟାଇବା ପରେ ଦୋନାଲ୍ଡ ଟ୍ରମ୍ପ ଏବେ କ୍ୟୁବା ଉପରେ ନଜର ରଖୁଛନ୍ତି । ସୋଚାଲାର କ୍ୟୁବାନିଷ୍ଠ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଆମେରିକା ପ୍ରଶାସନ ଗମ୍ଭୀରତାର ସହିତ ଅନେକ କଠୋର ବିକଳ୍ପ ଉପରେ ବିଚାର କରୁଛି । ଟ୍ରମ୍ପଙ୍କ ଦଳ ତେଲ ଆମଦାନି ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇପାରେ । ଭେନେଜୁଏଲାରୁ କ୍ୟୁବାକୁ ତେଲ ଓ ଟଙ୍କା ଯୋଗାଣ ବନ୍ଦ କରିବାକୁ ଧମକ ପୂର୍ବରୁ ଆମେରିକା ଦେଇସାରିଛି । ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ କ୍ୟୁବାର ର୍ବଳ ଅର୍ଥନୀତି ପାଇଁ ଏହା ବିନାଶକାରୀ ହେବ । କ୍ୟୁବା ପ୍ରତି ଟ୍ରମ୍ପ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ସଭାପତିଙ୍କ ଧାନମଣ୍ଡୀ ପରିଦର୍ଶନ

ଚାଷୀମାନଙ୍କ ସହିତ ସମସ୍ୟା ବିଷୟରେ ଆଲୋଚନା

କେନ୍ଦୁଝର,୨୪/୧(ନି/ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ହରିଚନ୍ଦନପୁର ଧାନମଣ୍ଡୀ, ବଡପଲାସପାଳ ଧାନମଣ୍ଡୀ ଓ ବଳିବାରିଗାଁ ଧାନମଣ୍ଡୀକୁ ଆଜି ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ପରିଦର୍ଶନ କରିବା ସହିତ ଚାଷୀମାନଙ୍କ ସହିତ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ଧାନମଣ୍ଡୀମାନଙ୍କରେ ବିଶ୍ରାମ ପାଇଁ ବିଶ୍ରାମ ଘର, ପିଇବା ପାଇଁ ସ୍ୱଚ୍ଛ ପାଣିର ବ୍ୟବସ୍ଥା, ଶୌଚ ହେବାପାଇଁ ପାଇଖାନା ବ୍ୟବସ୍ଥା ବୁଲି ଦେଖିଥିଲେ। ଚଳିତ ବର୍ଷ ଖରିଫ୍ ଧାନ କିଣା କାରବାରକୁ ଶୃଙ୍ଖଳିତ କରିବା ସହିତ ସ୍ୱଚ୍ଛତାର ସହିତ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ର ବରିଷ୍ଠ ନେତା ଶ୍ରୀ ମହେଶ୍ୱର ସାହୁ ତାହାର ସରକାରୀ ଚଳନ୍ତି ଚାଷୀମାନଙ୍କୁ ପଚାରି ବୁଝିଥିଲେ। ଧାନ କୁଟାଣ ପ୍ରତି ୪ କିଲୋ ଜତନି ଛଟନି କରୁଥିବା ଚାଷୀମାନେ ଅଭିଯୋଗ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ମାର୍ଚ୍ଚ ଦର୍ଶାଳୁ ଜଳଜମନ କରି ଯେଉଁ ସରକାରୀ ଅଧିକାରୀ କିମ୍ବା ମିଲଗମାରେ ଧାନକିଣା କାରବାରରେ ଅସାଧୁ ଉପାୟ ଅବଲମ୍ବନ କରି କିମ୍ବା ଜତନି ଛଟନି କରିବେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବବୋଲି ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ସତର୍କବାଣୀ ଶୁଣାଇଛନ୍ତି। ଏହି ଧାନମଣ୍ଡି ପରିଦର୍ଶନ ସମୟରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଶ୍ରୀ ସୁଧାକର ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଶିଶିର କୁମାର ସାହୁ, ସଞ୍ଚାଦ କୁମାର ସାହୁ, ଜୟ କୃଷ୍ଣ ମହାନ୍ତ, ଅଖିମନ୍ୟୁ ସାହୁ, ପ୍ରାଣବନ୍ଧୁ ସାହୁ, ଚତୁର୍ଭୁଜ ସାହୁ, ସତ୍ୟାନନ୍ଦ ସାହୁ, ରମେଶ ଚନ୍ଦ୍ର ସାହୁ, ଗୋଲକ ବିହାରୀ ସାହୁ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଚାଷୀ ସାମିଲ ହୋଇଥିଲେ।

କେନ୍ଦୁପୋଶିରେ ଜଳ ଯୋଗାଣ ବନ୍ଦ: ସମସ୍ୟାରେ ୪୦ ପରିବାର

କେନ୍ଦୁଝର,୨୪/୧(ନି/ପ୍ର): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ଂଚାୟତ କେନ୍ଦୁପୋଶି ଗ୍ରାମରେ ସପ୍ତାହେ ହେବ ପାନୀୟଜଳ ଯୋଗାଣ ବନ୍ଦ ରହିଛି। ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ୪୦ପରିବାର ୧୫୦ରୁ ଊର୍ଦ୍ଧ ଜନସାଧାରଣ ବସବାସ କରୁଛନ୍ତି। ତେବେ ବରବାପାଳ ନିକଟସ୍ଥ ସରକାରଙ୍କ ହରଘର ନଳ ହରଘର ଜଳ ଯୋଜନାରେ ଘରେ ଘରେ ପାଇପ୍ ଯୋଗେ କିଛିମାସ ତଳେ ଜଳ ଯୋଗାଣ ହୋଇଥିଲା। ମାତ୍ରକେନ୍ଦୁପୋଶି ଗ୍ରାମରୁ ପାନୀୟଜଳ ଯୋଗାଣ ବନ୍ଦ ରହିଥିବା ଅଭିଯୋଗ ହୋଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଗାଁ ର କୁମୁଦିନୀ ପାତ୍ର ଆଗରୁ ସ୍ତ୍ରୀଷ୍ଣୁରୁ ଆସୁଛି। ସାହିରେ ଥିବା ତିନଟି ନଳକୂଅ ଥିଲେ ହିଁ ପାଣି ସମସ୍ୟା ଦେଖାଦେଉଛି। ସରକାର ପାନୀୟ ଜଳ ଯୋଗାଣ ସୁବିଧା କରିଛନ୍ତି। ମାତ୍ର କର୍ମଚାରୀମାନଙ୍କ ଅବହେଳାରୁ ଲୋକେ ପାନୀୟ ଜଳ ସୁବିଧାରୁ ବଂଚିତ ହେବା ଦୁଃଖର ବିଷୟ। ପ୍ରଶାସନ ଦୃଷ୍ଟି ଦେଲେ ଲୋକମାନେ ସୁବିଧା ପାଇପାରିବେ। କୁଦ୍ଧିଜିବୀ ରାୟା ଦାସ କହିଛନ୍ତି ପାନୀୟ ଜଳ ବିଭାଗ ବହୁଦିନ ହେଲାଣି କାମ ଆରମ୍ଭ କରିଛି। ହେଲେ ବିଭିନ୍ନ ସ୍ଥାନରେ ଜଳ ଯୋଗାଣ ରେ ସମସ୍ୟା ରହିଛି। ଏଥିପାଇଁ ଦାୟିତ୍ୱରେ ଥିବା କର୍ମଚାରୀ ଦାୟୀ। ଜିଲାପାଳ ଏଦିଗରେ ପଦକ୍ଷେପ ନିଅନ୍ତୁ। ଯୋଶବନ୍ତ ପାତ୍ର କୁହନ୍ତି ପାଣି ପାଇଁ ଗ୍ରାମର ଲୋକେ କଳି ଝଗଡା ଲାଗୁଛନ୍ତି।ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଯୋଜନା କରିଛନ୍ତି। ଅବହେଳା ପାଇଁ କାମ ନସରିବା ଦୂରର କଥା ସୁବିଧାରୁ ଲୋକେ ବଂଚିତ ହେଉଛନ୍ତି। ତୁରନ୍ତ ପ୍ରଶାସନ ପାନୀୟଜଳ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ପ୍ରତିଶ୍ରୁତିରୁ ଓହରିଲା ଏଲ.ଏଣ୍ଡ.ଟି ଠିକା କମ୍ପାନୀ: କାର୍ଯ୍ୟାଳୟ ବାହାରେ ଗ୍ରାମବାସୀଙ୍କ ହୋହାଲ୍ଲା

ଚମ୍ପୁଆ, ୨୪/୧(ନି/ପ୍ର):ଚମ୍ପୁଆ ବ୍ଲକ ଅନ୍ତର୍ଗତ କୋଦଗାଡିଆ ଠାରେ ଥିବା ବଡୁଧା ଯୋଜନାର ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କୋଦଗାଡିଆ ଠାରେ ପ୍ରକଳ୍ପ ନିର୍ମାଣ ସମୟରେ ପଲ୍ଲୀ ସଭାରେ ଦେଇଥିବା ପ୍ରତିଶ୍ରୁତିରୁ ଏଲ.ଏଣ୍ଡ.ଟି. ଠିକା କମ୍ପାନୀ ଓହରି ଯିବାରୁ ଗ୍ରାମବାସୀ କମ୍ପାନୀ ବାହାରେ ହୋ ହାଲ୍ଲା କରିବା ସହ କାର୍ଯ୍ୟାଳୟ ଗେଟରେ ତାଲା ପକାଇ ବାଲୁ ଚେଷ୍ଟା କରିଥିଲେ। କୋଦଗାଡିଆ ସାହିରୁ ପିଇବା ପାଣି ଯୋଗାଣ ଠାରେ ବଡୁଧା ଯୋଜନାର ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରତିଶ୍ରୁତିରୁ ଓହରି ଯିବାରୁ ନେଇ ଗ୍ରାମବାସୀ କମ୍ପାନୀ ଫାଟକ ବାହାରେ ହୋ ହାଲ୍ଲା କରିଥିଲେ। ଏ ସମ୍ପର୍କରେ ଖବର ପାଇ ଚମ୍ପୁଆ ବିଡ଼ିଓ ଏବଂ ଚମ୍ପୁଆ ଥାନା ଅଧିକାରୀ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଂଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଗ୍ରାମବାସୀ ନିଜ ଜିବରୁ ଓହରିଥିବା ଦେଖିବାକୁ ମିଳିଥିଲା।

କେନ୍ଦୁଝର ବନ ବିଭାଗର ବଡ଼ ସଫଳତା ୧୨ ଲକ୍ଷ ଟଙ୍କାର ଚୋରା ମାଙ୍ଗାନିଜ ଜବତ

କେନ୍ଦୁଝର,୨୪/୧(ନି/ପ୍ର): କେନ୍ଦୁଝର ଡିଏଫ୍ଓ ଏଚ୍. ଡି ଧନରାଜଙ୍କ ନିର୍ଦ୍ଦେଶ କ୍ରମେ ବଡ଼ବିଲ ରେଞ୍ଜ ଅଧିକାରୀ ସଞ୍ଜୀବ ରାଉତଙ୍କ ନେତୃତ୍ୱରେ ଏକ ଟିମ ଗୁଆଳି ସେକ୍ସନ ଜଡ଼ାସାହି ବିଟ ଅନ୍ତର୍ଗତ ଜାଣିଆ ଗ୍ରାମରେ ଗତକାଲି ଚଢ଼ାଉ କରି ଏକ ପିକଅପ ଭ୍ୟାନ କୁ ଜବତ କରିବା ସହିତ ବେଆଇନ ମାଙ୍ଗାନିଜ କ୍ରସର କୁ ସିଲ କରିଛି । ଏଥି ସହିତ ୮୦ ଟନ ଚୋରା ମାଙ୍ଗାନିଜ ଜବତ କରାଯାଇଛି। ଜବତ ହୋଇଥିବା ମାଙ୍ଗାନିଜର ମୂଲ୍ୟ ପ୍ରାୟ ୧୨ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ଘଟଣାରେ ଗିରଫ ହୁଇଜଣ ହେଲେ ରୋଇତା ଅଂଚଳର ମହମ୍ମଦ ରଫିକ ଓ ଯୋଡ଼ା ଅଂଚଳର ନିର୍ମଳ ନାଏକ। ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ମାଙ୍ଗାନିଜ ଉତୋଳନ କରାଯାଇ ଉକ୍ତ କ୍ରସର ରେ ବ୍ୟବହାର ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତେବେ ଘଟଣାର ଅଧିକ ତଦନ୍ତ ଚାଲିଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ସମସ୍ତଙ୍କୁ ଗିରଫ କରାଯିବ ବୋଲି କେନ୍ଦୁଝର ଡିଏଫ୍ଓ ଏଚ୍. ଡି. ଧନରାଜ ସୂଚନା ଦେଇଛନ୍ତି।

ବିଜେଡି ରାଜନୈତିକ ବ୍ୟାପାର କମିଟିର ଷଷ୍ଠ ବୈଠକ

ଭୁବନେଶ୍ୱର,୨୪/୧(ନି/ପ୍ର): ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଷଷ୍ଠ ବିଜୁ ଜନତା ଦଳ ରାଜନୈତିକ ବ୍ୟାପାର କମିଟିର ସୁଗୁରୁତ୍ୱପୂର୍ଣ୍ଣ ବୈଠକ ନବୀନ ନିବାସରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୬ଟି ସୁଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଦଳର ସଭାପତିଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ଦଳର ସଭାପତିଙ୍କର ରାଜନୈତିକ ପରାମର୍ଶଦାତା ଡ଼ ସଂବୃସ୍ତ ମିଶ୍ର, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ନିରଞ୍ଜନ ପୂଜାରୀ, ଶ୍ରୀମତୀ ପ୍ରମିଳା ମଲ୍ଲିକ, ସୁରମା ମାରାଣ୍ଡି, ଶ୍ରୀମତୀ ବୁଢୁନି ସାହୁ, ବିଭ୍ରମ ଆଉଖ, ସଞ୍ଜୟ କୁମାର ଦାସବର୍ମା, ପ୍ରଣବ ପ୍ରକାଶ ଦାସ ଓ ଡ଼ ସସ୍ମିତ ପାତ୍ର ଉପସ୍ଥିତ ଥିଲେ । ଗଣମାଧ୍ୟମକୁ ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ତଥା ଉପସଭାପତି ଶ୍ରୀ ସଞ୍ଜୟ କୁମାର ଦାସବର୍ମା କହିଛନ୍ତି ଯେ, ଓଡ଼ିଶାର ୭୦ ଭାଗ ଚାଷୀଙ୍କୁଳକୁ ଯେଉଁଭଳି

ହିନ୍ଦୁ ସମାଜ ପକ୍ଷରୁ ବିଶାଳ ହିନ୍ଦୁ ସମ୍ମିଳନୀ

ଭଦ୍ରକ,୨୪/୧(ନି/ପ୍ର):ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ବର୍ଷର ପାଳନ ଉପଲକ୍ଷେ ଆଜି ଧାମନଗର ଖଷର ଖଡ଼ିପଦା ମଣ୍ଡଳର ଦକ୍ଷିଣକୁଡୁଆ ଗ୍ରାମର ବାବା ଦକ୍ଷିଣେଶ୍ୱର ମନ୍ଦିର ପ୍ରାଙ୍ଗଣ ର ପଡିଆଠାରେ ସମଗ୍ର ହିନ୍ଦୁ ସମାଜ ତରଫରୁ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାବେଶ ରେ ସାଧୁ,ସନ୍ଥ ଓ ସ୍ୱୟଂ ସେବକ ସଂଘର ପ୍ରବକ୍ତାମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ସଂଯୋଜକ ଗୋବିନ୍ଦ ଦେବେହାରୀ ସଭାପତିତ୍ୱରେ ମୁଖ୍ୟ ଅତିଥି ସରସ୍ୱତୀ ଆଶ୍ରମର ସାଧୁ ସବାନନ୍ଦ ମହାରାଜ ଯୋଗଦେଇଥିବା ବେଳେ, ସଜ୍ଜାନିତ ଅତିଥି ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏବଂ କାର୍ଯ୍ୟକ୍ରମ ର ମୁଖ୍ୟ ବକ୍ତା ଙ୍ଘର ପୂର୍ବ ଓଡ଼ିଶାର ସହ ପ୍ରାନ୍ତ କାର୍ଯ୍ୟବାହ ରବିନାରାୟଣ ପଣ୍ଡା ଯୋଗଦେଇଥିଲେ। ଏଥିରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ସମାଜରେ ବିଭିନ୍ନ ବର୍ଗରୁ ସମାଜର ମୁଖ୍ୟ ସ୍ରୋତରେ ଯୋଡିବା ସହ ପାରିବାରିକ ବିଚାରଧାରା କୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇ ହିନ୍ଦୁ ସମାଜର ଉନ୍ନତିରେ ଦେଶର ହିତ ସାଧନ ହୋଇପାରିବ ବୋଲି କହିଥିଲେ। ଏବେବୋଲି ହିନ୍ଦୁସମାଜର ଅବକ୍ଷୟ ରୋକିବାକୁ ମାତୃଶକ୍ତି, ଯୁବଶକ୍ତିଙ୍କୁ ପ୍ରେରଣାଦାୟକ ଉପଦେଶମାନ ଦେଇଥିଲେ । ସନାତନ ଧର୍ମ ର ରକ୍ଷା ହିଁ ଭାରତ ତଥା ବିଶ୍ୱର ସୁରକ୍ଷା ଏହି ପରାମର୍ଶ ହିନ୍ଦୁ ସମାଜୁ ଦେଇଥିଲେ। ଙ୍ଘର ପୂର୍ବ ଓଡ଼ିଶାର ସହ ପ୍ରାନ୍ତ କାର୍ଯ୍ୟବାହ ଶ୍ରୀ ପଦ୍ମା ବ୍ୟାଳି ନିର୍ମାଣ ରେ ରାଷ୍ଟ୍ର ନିର୍ମାଣ ଏବଂ ରାଷ୍ଟ୍ର ର ସୁରକ୍ଷା ବିଷୟରେ ଆଲୋଚପାତ କରିଥିଲେ। ଙ୍ଘର ଶତାବ୍ଦୀ ବର୍ଷ ସାରା ଭାରତ ବର୍ଷରେ ପାଳନ ହେଉଥିବା ବେଳେ ଙ୍ଘର ବିଚାର ଧାରା ପ୍ରତ୍ୟେକ ପରିବାରରେ ପଞ୍ଚଚାରବାକୁ ଆହ୍ୱାନ ଦେଇ ବ୍ୟକ୍ତି ନିର୍ମାଣ ରେ ରାଷ୍ଟ୍ର ନିର୍ମାଣ ହୋଇପାରିବ ବୋଲି କହିଥିଲେ। ସନାତନ ଧର୍ମ ର ରକ୍ଷା ହିଁ ହିନ୍ଦୁ ସମାଜ ର ସୁରକ୍ଷା ହୋଇପାରିବ ଓ ସାରା ବିଶ୍ୱକୁ ଭାରତ ବର୍ଷ ପ୍ରତିନିଧିତ୍ୱ କରିପାରିବ ବୋଲି ମତ ପ୍ରକାଶ କରିଥିଲେ। ସଭାରେ ଜଣେ ରାଷ୍ଟ୍ରୀୟ ଚିନ୍ତାଧାରା ର ଭଉଣୀ ମମତା ମଳିକ ଯୋଗଦେଥିଲେ। କାର୍ଯ୍ୟକ୍ରମ ର ପ୍ରାରମ୍ଭ ରେ ବଧିବାମନ ମିଶ୍ର ସାର ଓ ତାଙ୍କ କଳାଦାର ସଙ୍ଗ ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଭାସ୍ଥଳରେ ସଂଘର ଜିଲ୍ଲା କାର୍ଯ୍ୟବାହ ରଣ୍ଜି ଭାଇ, ସରୋଜ ମହାପାତ୍ର ଭାଇ, କଷ୍ଣଣ ଭାଇ, ସଞ୍ଜୟ ଭାଇ, ବିପିନ ପଣ୍ଡା ଭାଇ, ବୀପକ ଭାଇ, ଚିତରଞ୍ଜନ ଭାଇ, ଶ୍ରୀକାନ୍ତ ସାହୁ ଭାଇ,ସୁନୀଲ ସେଠି ଭାଇ, ପ୍ରମୋଦ ସୁତାର ଭାଇ, ଭବାନୀ ଭାଇ, ବନମାଳୀ ଭାଇ,ରମେଶ ପତି ଭାଇ, ଦେବେନ୍ଦ୍ର ସାହୁ ଭାଇ, ଗଜେନ୍ଦ୍ର ମାଝୀ ଭାଇ, ରମେଶ ପୃଷ୍ଟି ଭାଇ,ଗୋବର୍ଦ୍ଧନ ଭାଇ, ବିଭୁମୋହନ ଭାଇ, ଜାଳନ୍ଦୀ ପୃଷ୍ଟି ଭାଇ, ବୁନାଲ ସେନା ଭାଇ, ପ୍ରଦୀପ ମଳିକ ଭାଇ, ସୁଦାମ ଭାଇ, ବୁଦ୍ଧା ପତି ଭାଇ, ବୁଦ୍ଧା ପୃଷ୍ଟି ଭାଇ, ଲକ୍ଷ୍ମୀଧର ପାତ୍ର ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ସଂଘର କାର୍ଯ୍ୟକର୍ତ୍ତା ଲକ୍ଷ୍ମୀଧର ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଅପରାଜିତା ମିଶ୍ରଙ୍କୁ ବିଦ୍ୟୁତଲତା ବଳ ଶିକ୍ଷା ସମ୍ମାନ

କେନ୍ଦୁଝର, ୨୪/୧(ନି/ପ୍ର): କେନ୍ଦୁଝରର ସ୍ଥାନୀୟ ରୋଟାରୀ ଭବନ ଠାରେ କେନ୍ଦୁଝର ଜିଲ୍ଲା ଲେଖିକା ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଲେଖିକା ସଂସଦ ଆନୁକୂଲ୍ୟରେ ବିଦ୍ୟୁତଲତା ବଳ ଚାରିଟେବେଲ ଟ୍ରଷ୍ଟ ତରଫରୁ ନରସିଂହ ସ୍ୱାଇଁ ଯୋଜିତ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଅପରାଜିତା ମିଶ୍ରଙ୍କୁ ବିଦ୍ୟୁତଲତା ବଳ ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିରେ ଅପରାଜିତା ମିଶ୍ରଙ୍କୁ ମାନପତ୍ର, ଉପଢୌକନ ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ଅତିଥି ପ୍ରଶାସନିକ ଅଧିକାରୀ ଡ. ମମତା ରାଣୀ ନାୟକ ଏବଂ ସୁସାହିତ୍ୟିକା ସୌରଛାୟା ସାହୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ସାନବିଦି ଭାବରେ ସେ ପରିଚିତ ସର୍ବଜଙ୍କ ପାଖରେ। ସଂସଦର ସଂପାଦିକା ଲୟୁମତୀ ପାତ୍ର ଏବଂ ଅନ୍ୟ ସଦସ୍ୟାଙ୍କ ସହ ଉପସ୍ଥିତ ତାଙ୍କର ପ୍ରାକ୍ତନ ଛାତ୍ରଛାତ୍ରୀ ଭିତରୁ ପୁଷ୍ପା ପ୍ରିୟଦର୍ଶନୀ ବଳ ଓ ନିରୁପମା ବେହେରା ପ୍ରିୟ ସାନବିଦି ପୁରସ୍କୃତ ହେବା ,ଏହା ସେମାନଙ୍କ ପାଇଁ ଏକ ଅବିସ୍ମରଣୀୟ ମୁହূର୍ତ ହୋଇ ରହିବ ବୋଲି କହିଥିବାବେଳେ ଅପରାଜିତା ମିଶ୍ର କହିଥିଲେ ପିଲାଙ୍କ ଭଲପାଇବା ହିଁ ମୋର ଅସଲ ଉପହାର।

ଯାଦବ ମହାସଭା ବନ୍ଧୁ ମିଳନ

କେନ୍ଦୁଝର,୨୪/୧(ନି/ପ୍ର): କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ତରଫରୁ ଘାସପାରେ ମହା ସମାରୋହରେ ଏକ ବନ୍ଧୁ ମିଳନ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଅଛି। କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ସଭାପତି ପ୍ରବୀପ କୁମାର ବାରିକ ଓ ଉପଦେଷ୍ଟା ଆଚାର୍ଯ୍ୟ ଦାଶରଥି ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏଥିରେ କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ଓ ତେର ଗୋଟି ବ୍ଲକ ତଥା ପାଂଚ ଗୋଟି ପୌରାଂଚଳର ସମସ୍ତ କର୍ମକର୍ତା ବୃହ ପୂର୍ଣ ସହଯୋଗ କରିଥିଲେ ।ଏତଦବ୍ୟତୀତ ଜିଲ୍ଲା ଯାଦବ ସମାଜର ବରିଷ୍ଠ ଯାଦବ କ୍ଷେତ୍ରବାସୀ ମହାଳୁଦ , ଗୌର ଚନ୍ଦ୍ର ପ୍ରଧାନ, ଦଶ୍ରଥ ଦାସ, ବିନୋଦ ପରିଡ଼ା, ତ୍ରିଭୁବନ ଦେବେହାରୀ, କୃଷ୍ଣଚନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ନିର୍ମଳ କବି ନିରଞ୍ଜନ

ବୈଶିଙ୍ଗା ଥାନା ଅଂଚଳରେ ଲୁଟେରାଙ୍କ ରାଜ: ସରପଟଂଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ଲୁଟିନେଲେ ଦୁର୍ବୃତ

ବୈଶିଙ୍ଗା,୨୪/୧(ନି/ପ୍ର): ମାତ୍ର ଛେ ଦିନର ବ୍ୟବଧାନ ଭିତରେ ପୁଣି ମୟୂରଭଞ୍ଜଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳାରୁ ଏକ ବଡ଼ ଧରଣର ଲୁଟ କ୍ଷ ସରପଟଂଙ୍କ ଘର ତାଲା ଭାଙ୍ଗି ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର କ୍ଷ ଲୁଟେରାଙ୍କୁ ସୁହାଉଛି ବୈଶିଙ୍ଗା ଥାନା ଅଂଚଳ । ମାତ୍ର ଛେ ଦିନର ବ୍ୟବଧାନ ମଧ୍ୟରେ ଘଟିଲାଣି ଏକାଧିକ ବଡ଼ ଧରଣର ଲୁଟ । ହେଲେ ଆଜି ବି ଲୁଟେରାଙ୍କ ସୁରାଗ ପାଇନି ପୁଲିସ ପ୍ରଶାସନ । ସ୍ଥାନୀୟ ପୁଲିସର ତଦନ୍ତ ସହିତ ଜିଲ୍ଲା ମୁଖ୍ୟାଳୟରୁ ଆସୁଛି ସାଇଂଟିଫିକ ଟିମ ସହିତ ସନ୍ଧାନୀ କୁକୁର, ତଥାପି ପୁଲିସ হাত ଫାଙ୍କା । ଗତକାଲି ସନ୍ଧ୍ୟାରେ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ପାଟୁଲିପୁରା ସରପଟଂଙ୍କ ଘରୁ ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ଲୁଟି ନେଇଛନ୍ତି ଲୁଟେରା । ସୂଚନା ଅନୁଯାୟୀ, ବେତନଟୀ ବ୍ଲକ ପାଟୁଲିପୁରା ପଂଚାୟତର ସରପଟଂ ମମତା ନାଏକ ତାଙ୍କ ସ୍ୱାମୀ ସଞ୍ଜୟ ଜେନାଙ୍କ ସହିତ ବୈଶିଙ୍ଗା-ମାଣ୍ଡତ୍ରା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏକ ଭଡା ଘରେ ଦୀର୍ଘଦିନ ଧରି ରହି ଆସୁଛନ୍ତି । ଗତକାଲି ସନ୍ଧ୍ୟା ସମୟରେ ରହୁଥିବା ଭଡା ଘରେ ତାଲା ମାରି ନିଜ ସ୍ୱାମୀ ସଞ୍ଜୟଙ୍କ ସହିତ ମମତା କୌଣସି କାମରେ ଗାଁ ଭିତରକୁ ଯାଇଥିଲେ । ହେଲେ ଗାଁରୁ ଫେରି ଘର ମୁଖ୍ୟ ଫାଟକ ଖୋଲି ଭିତରକୁ ଯାଇ ଦେଖିବାକୁ ପାଇଥିଲେ କି ଘରର କବାଟ ତାଲା ଭଙ୍ଗାଯିବା ସହିତ ଶୋଇବା ଘରେ ଥିବା ଗଚରେଜ ଓ ଏକ ଟିଣ ବାକ୍ସ ତାଲା ଭଙ୍ଗାଯାଇ ଆସବପତ୍ର ଖୁନଭିନ ହୋଇ ପଡିବା ସହିତ ଗହଣା ବାକ୍ସ ଓ ପାକେଟ ସବୁ ଖୋଲା ହୋଇ ବାହାରେ ପଲଙ୍କରେ ପଡିଛି । ମାତ୍ର ପାଖରେ ଆଉ ବାକ୍ସ ଭିତରେ ଥିବା ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ସବୁ ଲୁଟ କରିନେଇଛନ୍ତି ଦୁର୍ବୃତ । ଏନେଇ ବୈଶିଙ୍ଗା ପୁଲିସକୁ ଖବର ଦେବା ପରେ ପୁଲିସ ୩ଜଣ ନେଇ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲା ଏବଂ ଜିଲ୍ଲା ମୁଖ୍ୟାଳୟରୁ ସନ୍ଧାନୀ କୁକୁର ସହିତ ଏକ

ବିବିଧା

ରାଶି ଫଳ

ମେଷ: ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅନ୍ୟମାନେ ଖୁସି ଖବର ପାଇପାରନ୍ତି। ପାରିବାରିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପୁରୁଣା ସମସ୍ୟାଗୁଡ଼ିକ ମଧ୍ୟରୁ ଦୂର ହେବ।

ବୃଷ: ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଜେଜେମାରିଙ୍କ ପାଇଁ ଚିନ୍ତିତ ହେବେ। ପୋଷ୍ୟ ଜଡ଼ିତ ମାମଲାର ଶୁଣାଣି ହେବ। ଭୋଜନ ସମୟରେ ସତର୍କ ରହିବା ଦରକାର।

ମିଥୁନ: ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅର୍ଥସ୍ପର୍ଶ ପରେଶାନ୍ତି ମୋଚନ ପାଇବ। ଆତ୍ମୀୟଙ୍କ ସମ୍ପର୍କ ଭୋଗିପାରନ୍ତି। ଅର୍ଥସ୍ପର୍ଶ କାମ ଠିକ୍ ସମୟରେ ଶେଷ କରିବେ।

କର୍କଟ: ସମୟର ସଦୁପଯୋଗ କରନ୍ତୁ। କୃଷି ବିକାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସତର୍କ ହେବେ। ଅଯଥା କାମରେ ସମୟନଷ୍ଟ ହେବ।

ସିଂହ: ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅର୍ଥସ୍ପର୍ଶ ପରେଶାନ୍ତି ମୋଚନ ପାଇବ। ଆତ୍ମୀୟଙ୍କ ସମ୍ପର୍କ ଭୋଗିପାରନ୍ତି। ଅର୍ଥସ୍ପର୍ଶ କାମ ଠିକ୍ ସମୟରେ ଶେଷ କରିବେ।

କନ୍ୟା: ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନାହିଁ। ଅର୍ଥ ଖର୍ଚ୍ଚ ବୃଦ୍ଧିରେ ରୁଚିବୁଝି। ଅର୍ଥସ୍ପର୍ଶ ସାହଯୋଗର ଗତିହୀନ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟହାନିକୁ ନେଇ ଚିନ୍ତିତ ରହିପାରନ୍ତି।

ତୁଳା: ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ବୁଦ୍ଧା ଜାଙ୍କିଙ୍କ ମିଳିବାର ସମ୍ଭାବନା ଅଛି। ସ୍ତ୍ରୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲବୁଝାମଣା ହେବା ସମ୍ଭବ। ବିଦ୍ୟାର୍ଥୀ ଜନିକ ପରିଶ୍ରମ କରିବେ।

ବିଛା: ମାନ ସମ୍ମାନ ବୃଦ୍ଧି ପାଇବ। ଲାଭର ହଜାର ପେଟି ପାଇବେ। ଯୋଗ ଏବଂ ଧ୍ୟାନରୁ ଦୂରେଇ ରହିବେ। ଯେଉଁମାନେ ଚାକିରି ଖୋଜୁଛନ୍ତି ସେମାନେ ଚାକିରି ପାଇପାରନ୍ତି।

ଧନୁ: ଗାଡ଼ିରେ ପାଇ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ ଭଲ ଖବର ହେବ। ଛାତ୍ରଛାତ୍ରୀ ଜଟିଳ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

ମକର: ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ପର୍କ ମଜବୁତ ହେବ। ଠକାମିର ଶିକାର ହେବେ। ଦାମ୍ପତ୍ୟରେ ରହିବ ପରିମାଣିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

କୁମ୍ଭ: ଭଗବାଣଙ୍କ ପ୍ରତି ବିଶ୍ୱାସ ନିଅନ୍ତୁ ନାହିଁ। ସନ୍ତାନଙ୍କ ଜଟିଳତାରେ ରହିବ। ଦାମ୍ପତ୍ୟ ସମ୍ପର୍କ ମଜବୁତ ହେବ। ଦିନଟି ଆନନ୍ଦରେ ରହିବ। ଅର୍ଥ ଆସିବ ନାହିଁ।

ମୀନ: ଗାଡ଼ି ଚାଳନା ସମୟରେ ସତର୍କ ରହନ୍ତୁ। ଅଜଣା ବ୍ୟକ୍ତିଙ୍କ ସହ ଭେଟ ହେବ। ଛାତ୍ରଛାତ୍ରୀ ଜଟିଳ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

ଆଜିର ଇତିହାସ

- ୧୮୮୭- ପଲ୍ଲୀ ବିଦ୍ୟୁତିକରଣର ଶୁଭାରମ୍ଭ।
- ୧୯୫୩- କର୍ମୀମାନ ମିଛରାଷ୍ଟ୍ରକୁ ଓଡ଼ିଶାରୁ ବିଦ୍ୟୁତ ନିଷ୍କାସନ ନେଲା।
- ୧୯୫୬- ଡ. ବି ଆର୍ ଆମ୍ବେଦକର ୫ ଲକ୍ଷ ସମର୍ଥକଙ୍କ ସହ ବୌଦ୍ଧ ଧର୍ମ ଗ୍ରହଣ କଲେ।
- ୧୯୮୮- ଜୋଷ୍ଟି ପୁରାନନ୍ଦ ମିଶରର ରାଷ୍ଟ୍ରପତି ହେଲେ।
- ୧୯୯୯- ପରମାଣୁ ପରୀକ୍ଷଣ ପ୍ରତିବନ୍ଧକ ସନ୍ଧିକୁ ଆନ୍ତର୍ଜାତୀୟ ସିଜେଟ୍‌ରେ ନାମାଙ୍କିତ।
- ୨୦୧୦- ନୂଆଦିଲ୍ଲୀରେ ଚାଲୁଥିବା ୧୯ତମ ରାଷ୍ଟ୍ରମଣ୍ଡଳ ଖେଳର ସମାପନ।

ଚିଲି ମ୍ୟାନ୍ :ଥରକେ ଖାଆନ୍ତି ୧୦ କେଜି ଶୁଖିଲା ଲଙ୍କା

ଅନେକ ଲୋକ ସେମାନଙ୍କ ଘରକୁ ଖାଦ୍ୟାଭୂତ ପାଇଁ ଡକାଇଲେ ଯାଆନ୍ତି। ଏହି ବ୍ୟକ୍ତିର ମେଗାଚରମର କାଗାଦ ଗାଁର ବୃଦ୍ଧର ରାମ ସିଂହଙ୍କୁ ତାଙ୍କର ଅଜବ ଖାଦ୍ୟାଭ୍ୟାସ ପାଇଁ ଗଭୀର ବୃଦ୍ଧି ଆକର୍ଷଣ କରିଛନ୍ତି। ସେ ବେଶ୍ ସବଳରେ ଅଢ଼ରରେ ୧୦ କେଜି ଶୁଖିଲା ଲଙ୍କା ଖାଇପାରନ୍ତି। ୨୦୨୪ ମସିହାରେ ତାଙ୍କର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ସେ ଏହେ ଚର୍ଚ୍ଚାରେ। ଭିଡିଓରେ ସେ ୧୦ କେଜି ଶୁଖିଲା ଲଙ୍କା ଖାଇଥିଲେ। ଏହେ ଲଙ୍କା ଖାଇବା ସମୟରେ ତାଙ୍କ ଆଖିରେ ଲୁହ ଆସି ନିଜ ନିଜକୁ ଲାଗ ଲାଗି ନ ଥିଲା। ଏହାପରେ ଲୋକେ ତାଙ୍କୁ ଚିଲି ମ୍ୟାନ୍ ନାମ ଦେଇଥିଲେ।

୫୦ ବର୍ଷିୟ ରାମଙ୍କ କହିବାନୁସାରୁ, 'ଲଙ୍କା ମୋ ଜୀବନର ଏକ ଅଂଶ। ମୁଁ ପିଲାଦିନରୁ ଲଙ୍କା ଖାଇ ଆସୁଛି। ମୋତେ ଲଙ୍କା ଛାଡ଼ା ଲାଗେନି।' ସେହିପରି ରାମଙ୍କ ଗାଁ ଲୋକଙ୍କ କହିବାନୁସାରେ, ତାଙ୍କର ପ୍ରତ୍ୟେକ ଖାଦ୍ୟରେ ଲଙ୍କା ଥାଏ। ତାଙ୍କର ଏହି ନିଆରା ପ୍ରତିଭା ବିଷୟରେ ଜଣାପଡ଼ିବା ପରେ ଲୋକେ ତାଙ୍କୁ ପରୀକ୍ଷା ମଧ୍ୟ କରିଥିଲେ। ଏପରିକି ଗୋଟେ ଶୋ'ରେ ତାଙ୍କ ଦେହରେ ଲଙ୍କା ସେପ୍ଟ ଲଗାଇ ଗାଡ଼ିଏଇ ଦିଆଯାଇଥିଲା। ଏଥିସହ ତାଙ୍କ ଶରୀରରେ ଲଙ୍କା ଘସା ଯାଇଥିଲା। ଏହାସତ୍ତ୍ୱେ ସେ ଶରୀରରେ ଗୋଟେଟି ଜଳାପୋଡ଼ା ଅନୁଭବ କରି ନ ଥିଲେ। ସେହିପରି ସେ ଆହୁରି ମଧ୍ୟ କହିଛନ୍ତି, ସବୁଠୁ ସେ ରାଙ୍କା ଚା, ଦ୍ୱିତୀୟରରେ ରାଙ୍କା ମଟନ ତରକାରୀ ଖାଆନ୍ତି। ସଂଭବତଃ ସେ ଲଙ୍କାରେ ଦୋଳାଇଖାନ୍ତି। ଲଙ୍କା ତାଙ୍କର ଔଷଧ ହୋଇ ସେ କହିଛନ୍ତି। ଏଥିପାଇଁ ତାଙ୍କୁ ବୌଦ୍ଧସି ରୋଗ ମଧ୍ୟ ହୋଇନି। ଅବଶ୍ୟ ମେଗାଚରମର ଲଙ୍କାଚାଷ ସାଧାରଣ କଥା। ହେଲେ ରାମଙ୍କ ଭଳି ଲଙ୍କା ପ୍ରେମୀ ନାହାନ୍ତି।

'କାନ୍ତାରା ଚାପ୍ଟର ୧' ସଫଳତାର ରାଜ୍ ଖୋଲିଲେ ରିଷବ

ରିଷବ ଶେଟ୍ଟୀଙ୍କ କହୁ ପ୍ରତୀକ୍ଷିତ ଫିଲ୍ମ 'କାନ୍ତାରା ଚାପ୍ଟର ୧' ବହୁ ଅପେକ୍ଷାରେ ସୁନାମି ଆଣିଛି। ଜାତୀୟ ଦଢ଼ିବା ସହ ଏହାର ଆୟମାଧ୍ୟ ଦିନକୁ ଦିନ ବଢ଼ି ଚାଲିଛି। ରବିବାର ବହୁ ଜଣା ଦେଖେଛି, ଏହାର କାହାଣୀ ଦର୍ଶକଙ୍କୁ ଛୁଇଁଛି। ମୂଳ କାହାଣୀ ଏହି ସିନେମାରେ ଲିଖିତ ମୂର୍ତ୍ତି ଥିଲେ ନିଜ ଅଭିନୟରେ ପ୍ରଦର୍ଶନ କରିଛନ୍ତି। 'କାନ୍ତାରା ଚାପ୍ଟର ୧' ୨୦୨୫ରେ ରିଲିଜ୍ ହୋଇଥିବା 'କାନ୍ତାରା'ର ପୂର୍ବ କାହାଣୀ ଅଟେ। ପ୍ରାୟ ଫିଲ୍ମରେ ଦେଖିବାକୁ ମିଳିଛି ହେଉଥିବାରେ ରିଷବ କିନ୍ତୁ ଏହାର ପ୍ରିକ୍ୱେଲ୍ ଆଣିଛି। ଫିଲ୍ମର କାହାଣୀ, ଚରିତ୍ର ଓ ଦୃଶ୍ୟ ବହୁତ ଭଲ ଲାଗେ ବହୁ ପରବର୍ତ୍ତରେ ପ୍ରଦର୍ଶନ କରାଯାଇଛି। ଖାସ୍ ଏହି କାରଣରୁ ଫିଲ୍ମଟି ବହୁ ଅପେକ୍ଷାରେ ଧମାଲ କରିଛି। ନିଶ୍ଚତରେ ଏହା ଇରେଣ୍ଟରେ ଯୋଗ ହେଉ ଥାଉ

ରିଷବ ଏହାର ମହାଦୋର ରାଜ୍ ଖୋଲିଛନ୍ତି। ରିଷବ କହିଛନ୍ତି, 'ଏହି ଫିଲ୍ମର ଏପରି ଲୋକପ୍ରିୟତା ମୋର ସ୍ୱପ୍ନ ନିଲା, ଯାହାକୁ ମୋ ଟିମ୍ ଆଯାଣେ ଲେଇଥିଲା। ଆମେ ଯେତେ ଆମର ଆଞ୍ଚଳିକ କାହାଣୀକୁ ଦେଖାଇବା ଏହା ସେତେମାତ୍ରାରେ ବିଶ୍ୱସ୍ତରରେ ଆଦୃତ ହେବ।' ରିଷବ ଏଥିରେ ଅତିରିକ୍ତ କରିବା ସହ ଏହାର ନିର୍ଦ୍ଦେଶକ ଓ ଲେଖକ ମଧ୍ୟ।

ଭାରତର ମିନି ଇସ୍ରାଏଲ

ଭାରତର ବିଭିନ୍ନ ଧର୍ମର ଦେଶ

କୁହାଯାଏ। ଏହାର ସୌନ୍ଦର୍ଯ୍ୟ ଓ ସଂସ୍କୃତି ସାରା ବିଶ୍ୱ ପରିଚିତ। ଏଥିପାଇଁ ଏଠାକୁ ବହୁ ବିଦେଶୀ ପର୍ଯ୍ୟଟକ ଆସିଥାନ୍ତି। ଏହି ଜ୍ୟୋତିଷ ଦିନାଚରଣ ପ୍ରଦେଶରେ ଏବଂ ଗାଁ ଭାଁଜି, ଏଠାକୁ ଭ୍ରମଣ ପାଇଁ ବହୁ ପର୍ଯ୍ୟଟକ ଚଳପ୍ରାଣ ପ୍ରର୍ଯ୍ୟଟକ ଆସିଥାନ୍ତି। ଏପରିକି ପରଲୁମ୍ବା ନେଚର ଏଠାରେ ବାର୍ଷିକ ଦିନ ଭରି ରହିଥାନ୍ତି। ଗାଁଟିର ଗାଁ ଧର୍ମଜାତ୍ୟ। ଏହା ଧର୍ମଶାଳାଠାରୁ ୭ କିଲୋମିଟର ଦୂରରେ ଅବସ୍ଥିତ। ଧର୍ମଜାତ୍ୟକୁ ଲାଗନେଇ ମିନି ଇସ୍ରାଏଲ ବୋଲି କୁହାଯାଏ। ୧୯ ୯୦ ମସିହାରୁ ଏଠାକୁ ଇସ୍ରାଏଲ ପର୍ଯ୍ୟଟକମାନେ ଆସି ରହିବା ଆରମ୍ଭ କରିଥିଲେ। ସେବେଠାରୁ ଏଠାରେ ଇସ୍ରାଏଲ ସଂସ୍କୃତି ଓ ପରମ୍ପରାର ଛାପ ଦେଖିବାକୁ ମିଳୁଛି। ଧର୍ମଜାତ୍ୟର ରେସ୍ତୋରାଣ୍ଟଗୁଡ଼ିକରେ ଇସ୍ରାଏଲ ଇଟାଲୀୟ ଖାଦ୍ୟ ସହ ଇସ୍ରାଏଲ ଖାଦ୍ୟ ମିଳିଥାଏ। ଏଠାରେ ହିବ୍ରୁ ଲିପିରେ ଲେଖାଯାଇଥିବା ସାଇନବୋର୍ଡ ମଧ୍ୟ ଦେଖିବାକୁ ମିଳେ। ଇସ୍ରାଏଲର ସେନିକମାନେ ଚାକିରିରୁ ଅବସର ନେବା ପରେ ଏହି ଗାଁରେ ଆସି କିଛି ଦିନ ରହି ଯାଇଥାନ୍ତି। ଦିନେଶ୍ୱରଦିନି ଅଦ୍ଭୋଦର ମାସରେ ରୋଶ ହାସନା ନାମକ ପର୍ବ ପାଳିବାକୁ ଏଠାକୁ ବହୁ ସଂଖ୍ୟକ ଇସ୍ରାଏଲ ନାଗରିକ ଆସିଥାନ୍ତି। ଏହି ଗାଁର ଚତୁଃପାର୍ଶ୍ୱରେ ଘନ ଦେବଦାରୁ ଜଙ୍ଗଲ ଘେରି ହୋଇ ରହିଛି। ତେଣୁ ଏଠାରେ ରାତିର ତାପମାତ୍ରା ମଧ୍ୟ ଥଣ୍ଡା ଅନୁଭୂତ ହୋଇଥାଏ। ଫଳତଃ ପ୍ରେମୀ ନାହାନ୍ତି।

ତଥା ପ୍ରକୃତିପ୍ରେମୀଙ୍କୁ ଏହି ଗାଁ ବେଶ୍ ଆକର୍ଷିତ କରିଥାଏ। ଏଠାରେ ଭାରତୀୟଙ୍କଠାରୁ ଅଧିକ ବିଦେଶୀ ପର୍ଯ୍ୟଟକ ଦେଖାଯାଉଥିବାରୁ ଏହା ସ୍ଥାନୀୟ ଅଞ୍ଚଳରେ 'ବିଦେଶୀଙ୍କ ଗାଁ' ଭାବେ ମଧ୍ୟ ପରିଚିତ। ଧର୍ମଜାତ୍ୟରେ ବିଦେଶୀ ପର୍ଯ୍ୟଟକମାନେ ଗଢ଼ିଉଠିବାର ସମ୍ପାଦ ଗାନ କରିବା ସହ ଧ୍ୟାନ ଯୋଗ ଆଦି କରୁଥିବାର ଦେଖାଯାଏ। ଏଠାରେ ଇସ୍ରାଏଲର ପତାକା ମଧ୍ୟ ଦେଖିବାକୁ ମିଳେ। ଇଜ୍ରାଏଲ୍ଲାମ୍ ଇଜ୍ରାଏଲ୍ ମାଇଷ୍ଟାର ଅଫ୍ ଜାନ୍ ଧର୍ମଜାତ୍ୟ ଲିଖିତ ଯେଉଁଥିବା ପରେ ଏହା ପରିଚିତ ଦୃଷ୍ଟି ଆକର୍ଷଣ କରିଛି।

ଆଜିର ଶବ୍ଦ

ଅଭିଜ୍ଞତା ଅର୍ଥ ଜ୍ଞାନ, ଅଭ୍ୟାସ, ଅଭ୍ୟାସ ଦ୍ୱାରା ଲବ୍ଧ ଜ୍ଞାନ

ଉତ୍କଳ ସମାଚାର

ସମ୍ପାଦକୀୟ...

ରବିବାର ୨୫ ଜାନୁଆରୀ ୨୦୨୬

ବାଁ ହାତର ଖେଳ...

ଏବିଶାଳ ଦୁନିଆଲୁ ମଣିଷ ଯେ ଚଳାଏ ଏଥିରେ ଆଦୌ ଦ୍ୱିମତ ନାହିଁ । ମଣିଷ ଲକ୍ଷ୍ୟସାଧନ ନେଇ କାର୍ଯ୍ୟ କରେ ଆଉ ହାସଲ କରେ । କିନ୍ତୁ ସମସ୍ତଙ୍କ ପକ୍ଷେ ଏଠି ସବୁ କାର୍ଯ୍ୟ କରିବା ସମ୍ଭବ ହୋଇନଥାଏ । ଏଠି ଯିଏ ବୁଦ୍ଧି ଜ୍ଞାନ ଆଉ ଚତୁରତାରେ ପ୍ରଖର, ଦୁନିଆ ହୋଇଯାଏ ତା' ହାତମୁଠାରେ । ତା' ସ୍ୱରରେ ସେତିକି ଦୃଢ଼ତା ଥାଏ ଜଣେ ସାଧାରଣ ମଣିଷ ପକ୍ଷେ ସେତିକି ନଥାଏ । ଏହା କେବଳ ବ୍ୟକ୍ତିର ଦକ୍ଷତା ଆଉ ଅଭିଜ୍ଞତାର ପରିଚୟ ନୁହେଁ । ସେ ଛାଡି ଫୁଲେଇ ବଡ଼ ସ୍ୱରରେ କହିପାରେ ସବୁକିଛି ମୋ ବାଁ ହାତର ଖେଳ । କେହି ହୁଏତ କହିପାରେ ଏହାକୁ ଅଙ୍ଗ ଭାବନା ତ କେହି କହିପାରେ ଏହା ତା'ର ଅଭିଜ୍ଞତା । ଅତି ସହଜରେ ହୋଇପାରୁଥିବା କାର୍ଯ୍ୟକୁ ଆମେ ବାଁ ହାତର ଖେଳ କହିଥାଉ । ଯାହା ନିମିତ୍ତକ ମଧ୍ୟରେ ଆଉ ତଟାପରେ ସମ୍ପନ୍ନ ହୋଇଯାଏ । ମଣିଷର ଡାହାଣ ହାତ ଖାଇବା, ଲେଖିବା ଓ ସବୁ ପ୍ରକାର ସ୍ୱଚ୍ଛ କର୍ମ ସହିତ ଜଡ଼ିତ ଥିବାବେଳେ ବାମହାତ ମୁଖ୍ୟତଃ ଶୌଚକାର୍ଯ୍ୟରେ ବ୍ୟବହୃତ ହୁଏ । ହଁ, ଦୀର୍ଘଅଭ୍ୟାସ ବ୍ୟକ୍ତିବିଶେଷ ବାମ ହାତରେ ସବୁପ୍ରକାର କାର୍ଯ୍ୟ କରିଥାନ୍ତି । ଡାହାଣ ହାତ ଆମର ସ୍ୱଚ୍ଛର ପ୍ରତୀକ ହେଲେ ବାଁ ହାତ ଅସ୍ୱଚ୍ଛର । ଡାହାଣ ହାତ ଆମେ ମିତ୍ରତା ପାଇଁ ବଢ଼େଇ ଥାଉ ଆଉ କାହାକୁ ଆଶୀର୍ବାଦ ବେଳେ ଡାହାଣ ହାତ ଉପରକୁ ଉଠିଥାଏ । ଜ୍ୟୋତିଷ ଶାସ୍ତ୍ର ମତରେ ଡାହାଣ ହାତ ଶୁଭ । ଏଣୁ ସବୁପ୍ରକାର ପୂଜାପାଠ ଶୁଭକାର୍ଯ୍ୟ ଡାହାଣ ହାତରେ ସମ୍ପାଦିତ ହୁଏ । ସବୁପରେ ବ୍ୟକ୍ତି ବାଁ ହାତରେ ଅନେକ କାର୍ଯ୍ୟକୁ ବୁଝି ?କିରେ ସାରିବେଳ ଦମ୍ଭ ଦେଖାଇପାରେ । ଆଉ ଏକଥା ବି ସତ ଯେ, ବୁଝାକାର ମିଶ୍ରାରେଲ ଅସମ୍ଭବ ବି ସମ୍ଭବ ହୁଏ । ବାଁ ହାତର ହସ୍ତରେଖାରୁ ଲାଭ ଏବଂ ନୂଆ ଜିନିଷ କ୍ରୟ କରିବାର ସୂଚନା ମିଳେ । ହିନ୍ଦୀରେ ଶୁଣା କଥାଟେ ଅଛି- ଡାହିନେ ହାତ କା ଦାନ୍ ବାଏଁ ହାତ ନା ଜାନେ । ଯାହାର ଅର୍ଥ- ଦାନ ବୁଲ ବ୍ୟକ୍ତି ମଧ୍ୟରେ ଗୁପ୍ତ ରହୁ, ଯେପରି ତୃତୀୟ ବ୍ୟକ୍ତି ନଜାଣୁ । ନହେଲେ ଦାତାଙ୍କର ଗର୍ବ ଅହଙ୍କାର ବୃଦ୍ଧିର ସୂଚନା ମିଳିବ । ଆଜିର ବସ୍ତୁବାଦୀ ଦୁନିଆରେ ସଭିଙ୍କର ଲକ୍ଷ୍ୟ ବିନା ପରିଶ୍ରମରେ ହାତପାଆନ୍ତାରେ ମତେ ସବୁକିଛି ମିଳିଯାଉ । ଯେଉଁଠି ଶାରୀରିକ ପରିଶ୍ରମ ନୁହେଁ, ଚହଟ ଚିତ୍କୁଣ କଥାରେ କାମ ହୋଇଯାଏ । ଏ ପ୍ରକାର ଧନ ଉପାର୍ଜନ ଉପୁରି ବା ଦୋ-ନମ୍ବରୀ କାରବାରକୁ ବୁଝାଏ । ବାଁ ହାତରେ କାମ ବଢ଼େଇ ଡାହାଣ ହାତ ଟେକିଦେବେଳେ ହେଉଗଲା ତୁମର ଭାବମୂର୍ତ୍ତି ସ୍ୱଚ୍ଛ । ଦୋ-ନମ୍ବରୀ କାରବାରରେ ପଇସେ ଗରମ କରିବାକୁ ସଭିଏଁ ଆଜି ଖୁବ୍ ବିଜଳ । ଉପରୁ ପରିଷ୍କାର ପରିଚ୍ଛନ୍ନ ଦିଶୁଥିବା ମଣିଷ ଭିତରେ ହଳାହଳ ବିଷ । ବାସ୍ତବରେ ଝାଳକୁହା ଧନ ବ୍ୟକ୍ତିକୁ ଭରପୂର ସୁଖଶାନ୍ତି ପ୍ରଦାନ କରେ । ସେଇହେତୁ ଏହା କାହାକୁ ପ୍ରଚାରଣା କିମ୍ବା କ୍ଷତି ପହଞ୍ଚାଇନଥାଏ । ଏହା ମନ ପ୍ରାଣକୁ ଭରପୂର ଆତ୍ମାସନ୍ତୋଷ ପ୍ରଦାନ କରେ । ହେଲେ ଲାଭ ଆଉ ଲୋଭରେ ଆଜିର ମଣିଷ ଉଛୁଟୁଛୁ । ଦୁର୍ନୀତି କଳାବଜାରୀ, ଠଏଲେ ଆଜି ସାଧାରଣ କଥାରେ ପରିଣତ ହୋଇଛି । ମୁଁ ବଡେଂ, ମୋ ପରିବାର ବଡିଆଉ, ଚେଣିକି ଦୁନିଆ ଭାସିଯାଉ ଆଜି ଜୀବନର ମୂଳମନ୍ତ୍ର ହେଇଯାଇଛି । ଯାହା ହାତରେ ଆଜି ଧନ ଦୌଲତ, କ୍ଷମତା, ପ୍ରତିପତି ସେ ବାଁ ହାତରେ ଦୁନିଆକୁ ନଚାଉଛି । ନୀତି ନୈତିକତା ଆଦର୍ଶ ଆଜି ଜୀବନ ଆଚାରଣରେ ଆଉ କଥା ପ୍ରସଙ୍ଗରେ ସୀମିତ । ପାଠପଢ଼ ବଢ଼ ଚାକିରି ଜରି ବଡ଼ ପଦପଦବିରେ ବସି ରାଜୁତି କର । ଯାହା ହାତରେ ସୁଯୋଗ ଆସିଲା ସେ ଲୁଟିମାରି ଖାଉଲା । ଅନ୍ୟମାନଙ୍କ ଭାବନା କିମ୍ବା ଆବଶ୍ୟକତା ବିଷୟରେ ବିଚାର କରିବାର ନାହିଁ । ଏପରି ଆଚରଣ ସମାଜରେ ସହଯୋଗ, ସୁସମ୍ପର୍କ ଏବଂ ଉନ୍ନମ ବୃଦ୍ଧିମାଣ ହ୍ରାସ କରେ । ଆଜିର ମଣିଷ ନିଜ ଆବଶ୍ୟକତାର ଦାସ ଅଟେ । ନିଜ ଆବଶ୍ୟକତା ଏବଂ ଜାମନା ସବୁ ଏତେ ବୃଦ୍ଧିପାଇଛି ଯେ ସେ ସର୍ବଦା ଅନ୍ୟମାନଙ୍କଠାରୁ ଆଶା କରୁଛି । ଯେଉଁ ହାସଲ କରିନେଲେ ଲାଭ ବା ସବୁଷ୍ଟି ପାଉଚି ଓଲଟା ପାପର୍ଜିତ ଟଙ୍କା ପଛରେ ଧାଉଁବାର ମୋହ ଆହୁରି ଅଧିକ ଗ୍ରାସୁଚି । ସ୍ୱଳ୍ପ ସମୟରେ କିଛି ବି ହାସଲ ହୁଏନି, ଯିଏ କରିପାରିଲା ଜାଣ କିଛି କାରବାରି କରିଛି । ଉପରୁ ନିରବ ରହି ବାଆଁଟରରେ ସେ ତାର କାମ ତମାମ୍ କରେ । ସେ ପୁଣି ଚାରି ପରି ବେଆଇନ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ଗୋଷ୍ଠୀ ସହିତ ସମ୍ପର୍କ ଗଢ଼େ ଆଉ ସମର୍ଥନ କରିବାକୁ ଆଗେଇ ଆସେ । ଆଶ୍ଚର୍ଯ୍ୟର କିଷୟ, ଏପରି ବ୍ୟକ୍ତିଙ୍କ ଖାତିରି ଆଜି ଖୁବ୍ ବେଶୀ । ଲୋକେ ସଲାମ ଠୋକିବି ଆଉ ସଲାମଟଂର ଏମାନେ ଆସ୍ପଦ ବି ଗ୍ରହଣ କରନ୍ତି । ଅର୍ଥକଳ ଆଉ ବାହୁବଳ ଲାଗି ଆଜି ସିନା ଲୋକ ଭୂମ ପାବଦଳେ ମଥାନତ ହେଉଛନ୍ତି, କିନ୍ତୁ ସମୟ ବଡ଼ ଲେଉଟେଇଲେ ସବୁକିଛି ଓଲଟ ପାଲଟ ହେଇଯିବ ଏଥିର ଆଦୌ ଦ୍ୱିମତ ନାହିଁ । ଆମ ଭାରତ ଏପରି ଏକ ଦେଶ, ଯେଉଁଠି କେବଳ ଖାଦ୍ୟସାମଗ୍ରୀ ନୁହେଁ ଜୀବନରକ୍ଷାକାରୀ ଔଷଧ ବି ଭେଜାଳ ହୁଏ । ପୋଲିସ, ପ୍ରଶାସନ ଆଉ ଆଇନକାନୁନ ଯଦେ ଶକ୍ତି ଦେଖାଇଲେ ବି ଅସାଧୁ ବ୍ୟକ୍ତି ଓ ମୁନାଫାଖୋର ବ୍ୟବସାୟୀଙ୍କ ସମୂଳେ ନାଶ କରିପାରେନି । ଯଦିଓ ହାଜତ ଟିକେଟ କରେ ମାସ କି ବର୍ଷେ ଜେଲଟାରେ ଅଭିଯୁକ୍ତ ମୁକୁଳି ଆସି ଛାତି ଚଉଡ଼ା କରି ବୁଲେ ଆଉ ବଡ଼ ସ୍ୱରରେ କୁହେ ମୁଇଁକୁଳି ମୋ ବାଁ ହାତର ଖେଳ । ଏମାନେ ଯେ ରାଜନେତା, ପ୍ରଶାସନ ପୁଷ୍ଟିମେୟ ଲୋକଙ୍କ ଛତ୍ରଛାୟା ତଳେ ରହି ଦମ ଦେଖାନ୍ତି ଏଥିରେ ଆଦୌ ସନ୍ଦେହ ନାହିଁ । ନିଜି ଖରଚକାଳରେ ଆମେ ପଛୁ ଜବତ ହୁଏ ବେଆଇନ ସାମଗ୍ରୀ ଆଉ ଦମ୍ପ ଲାଗେ, ହେଲେ ଦିନ କେଇଟା ପରେ ସେଇ ସମାନ ଘଟଣାର ପୁନରାବୃତ୍ତି ଘଟେ । ଏ ନୂଆ କଥା ନୁହେଁ, ଆଗରୁ ଦେଖୁଥିଲେ ଏବେ ବି ଦେଖୁଛ । ଜାହିଁ କେଉଁ କାଳରୁ ଭେଜାଳ, ଅପମିଶ୍ରଣ ସାମଗ୍ରୀ ବଜାରରେ ବିକ୍ରି ହେଉଛି । ଏମିତି ପରିସ୍ଥିତି ହେଲାଣି ଅସଲି କିଏ ନକଲି କିଏ ଜାଣିବା ବି ମୁସ୍କିଲ । ବାସ୍ତବରେ ସେମାନଙ୍କ ପାଇଁ ଯାହା ବାଁ ହାତର ଖେଳ ତାହା ଅନ୍ୟ ପାଇଁ ଜାଳ । ସାଧାରଣ ଲୋକଟି ଉଚିତ୍ ଜିନିଷ ପାଇଁ ପଇସା ଦେଇ ଭେଜାଳ ଜିନିଷ ପାଏ ଆଉ ସେପରେ ପଇସେ ଗରମ କରନ୍ତି ମୁନାଫାଖୋର୍ ବ୍ୟବସାୟୀ । ସରକାରୀ ବାବୁ ଚାପରାସୀ ଥାନା ଆଉ ବ୍ୟବସାୟୀ ସହିତ ଆଉ ଏଥିରେ ପେଶି ହୁଅନ୍ତି ସାଧାରଣ ମଣିଷ । ପ୍ରତିବାଦ କରିବାକୁ କାହାରି ନଥାଏ ଆତ୍ମରିକତା । ଆଜିର ମଣିଷ ଚରିତ୍ର ଆଉ ଚେହେରା ଅଲଗା । ମୋ ବାଁ ହାତର ଖେଳ କହୁଥିବା ସମସ୍ତେ ସାହସୀ ଜି ସଚ୍ଚୋଟ ନୁହଁନ୍ତି । ଏମାନଙ୍କ ଭିତରେ ଅନେକ ମୁଖାପିନ୍ଧା ଶିକ୍ଷିତ, ଅଧାଖୁଆ ଆଉ ଦୁଷ୍ଟ ବି ଅଛନ୍ତି । ନିଜ କଳା କାଳନାମାଳୁ ଦମ୍ଭ ସ୍ୱରରେ କହିପାରନ୍ତି । ଦୁନିଆ ଦେଖେ ଆଉ ସେମାନେ ଦେଖାନ୍ତି ତାଙ୍କ ଦୋନମ୍ବରୀ ଖେଳ । ବାସ୍ତବରେ ଲୋକଟି ସିନା ଖେଳ ଦେଖାଏ, ହେଲେ ସେ ଭୁଲିଯାଏ ତା' ଖେଳକୁ ବି ଦିନେ ଶେଷ ହେବ । କାରଣ ପ୍ରତ୍ୟେକ ଆରମ୍ଭର ଶେଷ ଅଛି । ଆଉ ସେଇ ଶେଷରେ ତାର କୌଣସି ଅସ୍ତିତ୍ୱ ରହିବନାହିଁ ।

ଆଫ୍ରିକାର ମୁକୁଟା ଉଗାଣ୍ଡା

ଜାଣିଲି ମାଳେରେରେ ବିଶ୍ୱବିଦ୍ୟାଳୟର କିଛି ପ୍ରସିଦ୍ଧ ପୂର୍ବତନ ବିଦ୍ୟାର୍ଥୀଙ୍କୁ, ସେମାନେ ହେଲେ ତାଞ୍ଜାନିଆର ପ୍ରଥମ ରାଷ୍ଟ୍ରପତି ଜୁଲିଅସ୍ ନ୍ୟେରେରେ, ଉଗାଣ୍ଡାର ପୂର୍ବତନ ରାଷ୍ଟ୍ରପତି ମିଲଟନ୍ ଓବୋଟେ, କେନିଆର ପୂର୍ବତନ ରାଷ୍ଟ୍ରପତି ମଓାଇ କିବାକି, ନାଇଜେରୀୟ ଲେଖକ ତଥା ସାହିତ୍ୟରେ ନୋବେଲ ପୁରସ୍କାର ବିଜେତା ଓଲି ସୋୟିଙ୍କା । ଜାଣିଲି ମାଳେରେରେ ବିଶ୍ୱବିଦ୍ୟାଳୟର କିଛି ପ୍ରସିଦ୍ଧ ପୂର୍ବତନ ବିଦ୍ୟାର୍ଥୀଙ୍କୁ, ସେମାନେ ହେଲେ ତାଞ୍ଜାନିଆର ପ୍ରଥମ ରାଷ୍ଟ୍ରପତି ଜୁଲିଅସ୍ ନ୍ୟେରେରେ, ଉଗାଣ୍ଡାର ପୂର୍ବତନ ରାଷ୍ଟ୍ରପତି ମିଲଟନ୍ ଓବୋଟେ, କେନିଆର ପୂର୍ବତନ ରାଷ୍ଟ୍ରପତି ମଓାଇ କିବାକି, ନାଇଜେରୀୟ ଲେଖକ ତଥା ସାହିତ୍ୟରେ ନୋବେଲ ପୁରସ୍କାର ବିଜେତା ଓଲି ସୋୟିଙ୍କା । ଲଥିଓପିଆର ରାଜଧାନୀ ଆଦିସ୍ ଆବାବାରୁ ଉଡ଼ାଣ ଭରିଥିବା ମୋର ବିମାନ ଶେଷରେ ଅବତରଣ କଲା ଉଗାଣ୍ଡା ମାଟିରେ । ଟର୍ମିନାଲର ଲେଖା, 'ଏଣ୍ଟେବେ ଆନ୍ତର୍ଜାତିକ ବିମାନବନ୍ଦର' ସ୍ପଷ୍ଟ ହେବା ସହିତ ମୋର ସ୍ମୃତି ଫେରିଗଲା ପଚାଶ ବର୍ଷ ତଳକୁ । ମନେ ପଡ଼ିଗଲା ବହୁଦିନ ତଳେ ପଢ଼ିଥିବା କ୍ରିଷ୍ଟୋଫର ମାର୍ଲୋଙ୍କ ପ୍ରସିଦ୍ଧ ନାଟକ 'ଡକ୍ଟର ଫାଉଷ୍ଟସ୍'ରେ ଟ୍ରୋୟର ହେଲେନ୍‌ଙ୍କ ଉଦ୍ଦେଶ୍ୟରେ ଫାଉଷ୍ଟସ୍ ଦେଇଥିବା ଲୟମୟ ଅଭିବ୍ୟକ୍ତି: 'ଏସ ଚ'ଶ ସେହି ବଦନ, ଯା'ପାଇଁ ସମୁଦ୍ର ବଖେଲ ମେଲିଥିଲା ଜାହାଜ ସହସ୍ର, ଏବଂ ବରୁଧ୍ ଥିଲା ଇଲିଅମ୍‌ର ଶିଖରହୀନ ମିନାର ଅଳସୁ' ଇଏ ତା'ହେଲେ ସେହି ଏଣ୍ଟେବେ, ଯେଉଁଠି ଅଭିନୀତ ହୋଇଥିଲା ବିମାନ ଅପହରଣରେ ବନ୍ଧକ ବନିଥିବା ୧୦୬ ଯାତ୍ରୀଙ୍କ ମୁକ୍ତିର ଏକ ଦୁଃଖାତ୍ମକ ଅଭିଯାନ 'ଅପରେସନ ଥଣ୍ଡରବୋଲ୍ଟ' । ଅପରେସନ୍ ଥଣ୍ଡରବୋଲ୍ଟ ୪ ଜୁଲାଇ ୧୯୭୬ରେ ହୋଇଥିବା ଏକ ଇସ୍ରାଏଲୀ ଆତଙ୍କବାଦ ବିରୋଧୀ ଉଦ୍ଧାର ଅଭିଯାନର ନାଁ । ପାଲେଷ୍ଟିନୀୟ ଓ ଜର୍ମାନ ବିମାନ ଅପହରଣକାରୀମାନେ ଗୋଟିଏ ଏୟାର ଫ୍ରାନ୍‌ସ ବିମାନକୁ ଅପହରଣ କରି ଏଣ୍ଟେବେକୁ ନେଇଯାଇଥିଲେ । ସେମାନଙ୍କ ଜବରଦସ୍ତ ବନ୍ଧକ ବିମାନଯାତ୍ରୀଙ୍କୁ ଉଦ୍ଧାର କରିବାପାଇଁ ଇସ୍ରାଏଲୀ କମାଣ୍ଡୋମାନେ ୪୦୦୦ କିଲୋମିଟରରୁ ଅଧିକ ଦୂର ଉଡ଼ି ଏଣ୍ଟେବେ ବିମାନବନ୍ଦରରେ ପହଞ୍ଚି ଥିଲେ । ଗୋପନୀୟ ଗୁପ୍ତଚର ଯୋଜନାର ସହଯୋଗରେ ଏହି ଅଭିଯାନ ପ୍ରାୟ ୯୦ ମିନିଟ ଚାଲିଥିଲା । ଅଧିକାଂଶ ବନ୍ଧକଙ୍କୁ ମୁକ୍ତ କରାଯାଇଥିଲା, ଉଦ୍ଧାର ସମୟରେ ତିନିଜଣ ବନ୍ଧକଙ୍କ ମୃତ୍ୟୁ ହୋଇଥିଲା ଏବଂ କେବଳ କମାଣ୍ଡୋ ଅଭିଯାନର ନେତା, ଲେଫ୍‌ଟନାଟ କର୍ଣ୍ଣେଲ ଯୋନାଟାନ୍ ନେତାନ୍ୟାହୁ (ଇସ୍ରାଏଲର ବର୍ତ୍ତମାନର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବଡ଼ଭାଇ) ନିହତ ହୋଇଥିଲେ । ଏହି ଅଭିଯାନକୁ ଆଧୁନିକ ଆତଙ୍କବାଦ ବିରୋଧୀ ଇତିହାସରେ ଏକ ମାଇଲଖୁଣ୍ଟ ଭାବେ ଗଣାଯାଏ । ଏହି ଘଟଣା ଉପରେ ନିର୍ମିତ ହୋଇଛି ଚଳଚିତ୍ର 'ଅପରେସନ୍ ଥଣ୍ଡରବୋଲ୍ଟ' । ବିମାନ ଅପହରଣକାରୀଙ୍କୁ ସଂରକ୍ଷଣ ଦେଇଥିଲେ ସେ ସମୟର ଉଗାଣ୍ଡାର ଜୁଡ଼, ବିଦାଦାଷ୍ଟର, ଏବଙ୍କେଡ଼ବାଦୀ ଶାସକ ଇଦି ଆମିନ୍ । ୧୯୭୨ ମସିହାରେ ସେ ନିଜ ରାଜନୈତିକ ଲାଭ ପାଇଁ ଉଗାଣ୍ଡାର ଭାରତୀୟ ବ୍ୟବସାୟୀମାନଙ୍କୁ ଦେଶରୁ ତଡ଼ି ଦେଇଥିଲେ । ଭୌଗୋଳିକ ଭାବେ ଉଗାଣ୍ଡା ଏକ ଭୂ-ଆବୃତ ଦେଶ ହେଲେ ମଧ୍ୟ ଏଠାରେ ପ୍ରଚୁର ଜଳସମ୍ପଦ ରହିଛି । ରାଜଧାନୀ କାମ୍ପାଲାରୁ କିଞ୍ଚା ସହର ପାଖାପାଖି ୧୦୦ କିଲୋମିଟର ଦୂରରେ । ଏଠାରେ ଅଛି ଭିକ୍ଟୋରିଆ ହ୍ରଦ ଭିତରେ ନାଳ ନଦୀର ମୁଖ୍ୟ ଉତ୍ସ । ବିଶ୍ୱର ସର୍ବପ୍ରାଚୀନ ଆଣ୍ଟିକ ଜଳବିଦ୍ୟୁତ ହ୍ରଦ ଲେକ୍ ଭିକ୍ଟୋରିଆ । ମୋଟରଚାଳିତ ଡଙ୍ଗା ଯେତେବେଳେ ମୋତେ ନେଇ ପହଞ୍ଚାଇଲା ପୃଥିବୀର ବାର୍ଘଟମ ନଦୀ ନାଳ ନଦୀର ଉତ୍ସରେ, ପାଶିର ସ୍ପର୍ଶ ମାତ୍ରକେ ଶିହରି ଉଠିଲି, ମୋ ଆଖିସାମ୍ନାରେ ଭାସିଉଠିଲେ କେତେନା କେତେ ଐତିହାସିକ ଚରିତ୍ର, ମିଶରର ସୁନ୍ଦରୀ ରାଣୀ କ୍ଲିଓପାଟ୍ରାଙ୍କ ସମେତ । ସେହି କ୍ଲିଓପାଟ୍ରା ରୋମ୍ ?ର ନେତା ଜୁଲିଅସ୍ ସିଜରଙ୍କ ସହିତ ଯାହାଙ୍କର ପ୍ରେମ ନାଳ ନଦୀ ତଟସ୍ଥିତ ଆଲେକ୍‌ଜାଣ୍ଡ୍ରିଆ ସହରକୁ ରାଜନୈତିକ ଓ ରୋମାଣ୍ଟିକ ମଂଚରେ ପରିଣତ କରିଥିଲା । ସେହି କ୍ଲିଓପାଟ୍ରା, ଯାହାଙ୍କ ସୌନ୍ଦର୍ଯ୍ୟ ଅମରତ୍ୱ ଲାଭିଛି ସେକ୍ସପିୟରଙ୍କ 'ଆଣ୍ଟୋନି ଓ କ୍ଲିଓପାଟ୍ରା' ନାଟକରେ: 'ବୟସର ଧୂଳି ଯା'କୁ କରିନି ମଳିନ, ପାରିନି ତାରି ଛୁଇଁ ତା'ର ଅସୀମ ଲାବଣ୍ୟଶ୍ରୀ ଭୋଳକୁ ଭରି ଭୋକ ଶେଷେ ହୁଏ ସିନା କ୍ଷୁଧ, ବୃପ୍ତି ପରେ କିନ୍ତୁ କ୍ଲିଓପାଟ୍ରା ଜଗାଏ ଆକାଂକ୍ଷାର ନୂତନ ବିଗତ' । ଉଗାଣ୍ଡାର ପ୍ରାକୃତିକ ସୌନ୍ଦର୍ଯ୍ୟ, ସମୃଦ୍ଧ ଜୈବବିବିଧତା ଏବଂ ସାଂସ୍କୃତିକ ବିଭିନ୍ନତାରେ ପୁଷ୍ଟ ହୋଇ ବ୍ରିଟିଶ ପ୍ରଧାନମନ୍ତ୍ରୀ ଡ଼ିଜ୍‌ରାଏଲ ତର୍ଚ୍ଚିଲ ପ୍ରଥମେ ଉଗାଣ୍ଡାକୁ 'ଆଫ୍ରିକାର ମୁକୁଟା' ବୋଲି କହିଥିଲେ । ଜାଣିଲି ବର୍ଷ ଧରି ଉଗାଣ୍ଡାର ରାଷ୍ଟ୍ରପତି ଥିବା ଇଦ୍ରେଗି ଜାଗୁଟା ମୁସେଭେନିଙ୍କ ଆତ୍ମଜୀବନୀ 'ସୋଇଲ୍ ଦି ମଷ୍ଟର୍ଡ ସିଡ୍'ରେ ରହିଛି ଉଗାଣ୍ଡାର ରାଜନୈତିକ ସଂଘର୍ଷ, ଲଡିହାସ, ଦେଶର ସୁରକ୍ଷା ତଥା ରାଷ୍ଟ୍ର ନିର୍ମାଣର କାହାଣୀ । ଜିପରି ଯୁବାବସ୍ଥାରେ ଦୃଢ଼ ସଙ୍କଳ୍ପ ଓ ସଂଘର୍ଷ ମାଧ୍ୟମରେ ଉଗାଣ୍ଡାର ରାଜନୈତିକ ଅସ୍ଥିରତା ଦୂର କରି ସେ ଦେଶକୁ ଦେଇଛନ୍ତି ଏକତା ଓ ଶାନ୍ତି, ତାହା ଏହି ପୁସ୍ତକରେ ବର୍ଣ୍ଣିତ । ଉଗାଣ୍ଡା ବିଶ୍ୱବିଖ୍ୟାତ ପାହାଡ଼ୀ (ମାଉଣ୍ଟେନ) ଗରିଲାଙ୍କ ଆଶ୍ରୟସ୍ଥଳ ଭାବେ ମଧ୍ୟ ପରିଚିତ । ବ୍ରିଣ୍ଡି ଅଭେଦ୍ୟ ଜାତୀୟ ଉଦ୍ୟାନରେ ହେଉଥିବା ଗରିଲା ଟ୍ରେକିଂ ପର୍ଯ୍ୟଟନ ପୃଥିବୀର ସବୁଠାରୁ ଅନନ୍ୟ ଅନୁଭବମାନଙ୍କ ମଧ୍ୟରୁ ଗୋଟିଏ । ଗରିଲା ଟ୍ରେକିଂ ସମୟରେ ଯେତେବେଳେ ପ୍ରଥମେ ଏକ ପାହାଡ଼ୀ ଗରିଲା ପରିବାରକୁ ନିକଟରୁ ଦେଖିଲି, ସେ ମୁହୂର୍ତ୍ତ ଜୀବନଭରି ସ୍ମରଣୀୟ ହୋଇ ରହିବ । ସେମାନଙ୍କର ଶାନ୍ତ ଦୃଷ୍ଟି, ଶିଶୁ ଗରିଲାଙ୍କର ଖେଳିଖେଳ ଓ ସିଲ୍‌ଭରବ୍ୟାକ୍‌ର ଗମ୍ଭୀର ରୁକ୍ଷଭାବ ମନୁଷ୍ୟ ଓ ପ୍ରକୃତିର ଗଭୀର ସମ୍ପର୍କକୁ ଉଜାଗର କରିଥାଏ । ଡାଏନା ଫସେଙ୍କୁ ବାଦ୍ ଦେଲେ ପାହାଡ଼ୀ ଗରିଲାଙ୍କ କଥା ଅଧୁରା ରହିଯିବ । ଡାଙ୍କର ଗବେଷଣା ଓ ସଂରକ୍ଷଣ କାର୍ଯ୍ୟ ଗରିଲା ସୁରକ୍ଷା ପ୍ରତି ବିଶ୍ୱ ଦୃଷ୍ଟିଆକର୍ଷଣ କରିଥିଲା । 'ଗରିଲାଙ୍କ ଇନ୍ ଦି ମିଷ୍ଟ' (୧୯୮୩) ଡାଏନା ଫସେଙ୍କ ଜୀବନ ଓ କାର୍ଯ୍ୟ ଉପରେ ଆଧାରିତ ଏକ ପ୍ରସିଦ୍ଧ କୃତି । ଏହା ୧୯୮୮ରେ ଚଳଚିତ୍ରର ରୂପ ନେଇଛି । ଏହି କାହାଣୀରେ ଫସେଙ୍କ ରୁଆଣ୍ଡାର ଲିଭୁଙ୍ଗା ପର୍ବତମାଳାରେ ପାହାଡ଼ୀ ଗରିଲାଙ୍କ ସହ ବିତାଇଥିବା ଜୀବନ, ତାଙ୍କର ଗବେଷଣା ଏବଂ ଅବାଧ ଗରିଲା ଶିକାର ବିରୋଧରେ ଅବମ୍ୟ ସଂଘର୍ଷକୁ ମାର୍ମିକ ଭାବେ ଉପସ୍ଥାପନ କରାଯାଇଛି । ପୁସ୍ତକଟି ପ୍ରକୃତି, ପ୍ରେମ ଓ ସଂରକ୍ଷଣର ଏକ ଅମର ଦସ୍ତାବିଜ । ବିଶ୍ୱପରେଖା ଉଗାଣ୍ଡାର ଲିଭେରିଆ ହ୍ରଦ ଏବଂ ଜାୟାବେ ନିକଟବର୍ତ୍ତୀ ଅଂଚଳ ଦେଇ ଗତିକରିଛି, ଯାହାଫଳରେ ଏହା ଉଗାଣ୍ଡାକୁ ଉତ୍ତର ଓ ଦକ୍ଷିଣ ଗୋଲାର୍ଦ୍ଧରେ ବିଭକ୍ତ କରିଛି । ଶୀତ ଅୟନାନ୍ତ ଦିନ (ଡିସେମ୍ବର ୨୨ ତାରିଖ), ଲୁବନେଶ୍ୱରରେ ଦିନ ୧୦ ଘଣ୍ଟା ୪୬ ମିନିଟ ଓ ରାତି ୧୩ ଘଣ୍ଟା ୧୪ ମିନିଟ (ଅର୍ଥାତ୍ ବର୍ଷର ସବୁଠାରୁ ବଡ଼ ରାତି) ଅବଧିର ହେଲାବେଳକୁ ଉଗାଣ୍ଡାର ଏଲେଗୁ (୩.୫୬ ଡିଗ୍ରୀ ଉତ୍ତର ଅକ୍ଷାଂଶ)ରେ ଦିନ ୧୧ ଘଣ୍ଟା ୪୭ ମିନିଟର ଓ ରାତି ୧୨ ଘଣ୍ଟା ୧୩ ମିନିଟର (ବଡ଼ ରାତି, ଶୀତ ଋତୁର ଲକ୍ଷଣ) ହୁଏ ଏବଂ ଜିକାଗାଟି (୧.୦୫ ଡିଗ୍ରୀ ଦକ୍ଷିଣ ଅକ୍ଷାଂଶ)ରେ ଦିନ ୧୨ ଘଣ୍ଟା ୦୪ ମିନିଟର ଓ ରାତି ୧୧ ଘଣ୍ଟା ୫୬ ମିନିଟର (ବଡ଼ ଦିନ, ଗ୍ରୀଷ୍ମ ଋତୁର ଲକ୍ଷଣ) ହୁଏ ! ଗୋଟିଏ ଦେଶ(ଉଗାଣ୍ଡା) ର ଦୁଇଟି ସ୍ଥାନରେ ଭିନ୍ନ ଋତୁ ଅନୁଭୂତ ହୁଏ ! ଅବଶ୍ୟ ଉଗାଣ୍ଡା ବିଷୁବରେଖାର ନିକଟରେ ଥିବାରୁ ଗ୍ରୀଷ୍ମ ଓ ଶୀତ ମଧ୍ୟରେ ତାପମାତ୍ରର ତଫାତ୍ ବହୁତ ପ୍ରଭାବଶାଳୀ ନୁହେଁ । ଏହି ଭୌଗୋଳିକ ବିଶେଷତା ଯୋଗୁଁ ବର୍ଷସାରା ତାପମାତ୍ରା ସମାନ ରହେ ଏବଂ ଗ୍ରୀଷ୍ମ ଓ ବର୍ଷା ଋତୁ ସ୍ପଷ୍ଟରୂପେ ଅନୁଭୂତ ହୁଏ । ଶୁନ ଡିଗ୍ରୀ ଅକ୍ଷାଂଶରେ 'ସେଲ୍‌ସି' ଅବସ୍ଥାନର ଅନୁଭୂତି ବି ନିଆରା । କାମ୍ପାଲାରେ ସାରା ବର୍ଷ ଦିନ ଓ ରାତିର ଅବଧି ପ୍ରାୟ ସମାନ, ୧୨ ଘଣ୍ଟା ଦିନ ଓ ୧୨ ଘଣ୍ଟା ରାତି ଥାଏ । ବସନ୍ତ ସମ୍ପାତ (ମାର୍ଚ୍ଚ ୨୧) ଓ ଶରତ ସମ୍ପାତ (ସେପ୍ଟେମ୍ବର ୨୩) ଦିନ ମଧ୍ୟାହ୍ନର ସୂର୍ଯ୍ୟ ଠିଧା ମୁଣ୍ଡ ଉପରେ ଥିବାରୁ ଏହି ଦୁଇଦିନ କାମ୍ପାଲାରେ ଶୂନ୍ୟ ଛାୟା ଦିବସ ଅନୁଭୂତ ହୁଏ, ଅର୍ଥାତ୍ ଛାୟା ହଜିଯାଏ । ବର୍ଷର ଭିନ୍ନ ଭିନ୍ନ ସମୟରେ ଛାୟର ଦିଗ ବଦଳିବା ମଧ୍ୟ ଏଠାରେ ସହଜରେ ଦେଖାଯାଏ । କାମ୍ପାଲାରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦ୍ରୁତ ହେବାରୁ ସନ୍ଧ୍ୟା ଓ ପ୍ରଭାତଳ

ସମାଜରେ ମାନବତା ପାଇଁ ଦାୟିତ୍ୱବୋଧର ବାତାବରଣ ସୃଷ୍ଟି କରିବା : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୨୪/୧(ନି/ପ୍ର): ମହାତ୍ମା ଗାନ୍ଧୀ ଯେପରି ସ୍ୱଚ୍ଛତା ବା ସଫେଇକୁ ଏକ ଜନ ଆନ୍ଦୋଳନରେ ପରିଣତ କରି ଦେଶକୁ ଏକଜୁଟ କରିଥିଲେ, ଆମକୁ ମଧ୍ୟ ସେହିପରି ମାନବତା ଓ ସାମାଜିକ ସଂଘାତ ପାଇଁ ଏକ ଦୃଢ଼ ଦାୟିତ୍ୱବୋଧର ବାତାବରଣ ସୃଷ୍ଟି କରିବାକୁ ହେବ ବୋଲି ଆଜି ସମ୍ବଲପୁରରେ ବୈଦିକ 'ସମ୍ବାଦ' ଏବଂ 'ଜନକ ନ୍ୟୁଜ୍' ପକ୍ଷରୁ ଆୟୋଜିତ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ କହିଛନ୍ତି ଯେ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମେତ ବୀର ସୁରେନ୍ଦ୍ର ସାଏ ଏବଂ ତାଙ୍କ ଭ୍ରାତା ଉଦନ୍ତ ସାଏଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ତ୍ୟାଗ ଓ ବୀରତ୍ୱକୁ ଏକ କୃତଜ୍ଞ ଜାତି ଭାବେ ଆମେ ବାରମ୍ବାର ମନେ ପକାଇବା ଉଚିତ, ଯାହା ନୂଆ ପିଢ଼ି ପାଇଁ ଚିରଜାଳ ପ୍ରେରଣାର ଉତ୍ସ ହୋଇ ରହିବ । ସମ୍ବଲପୁରର ଏହି ଅପରାଜେୟ ଯୋଦ୍ଧାଙ୍କ ବଳିଦାନ ଯୋଗୁଁହିଁ ସମ୍ବଲପୁର ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିପାରିଥିଲା । ସୁରେନ୍ଦ୍ର ସାଏଙ୍କ ସହ ତାଙ୍କ ଭ୍ରାତା ଉଦନ୍ତ ସାଏ ମଧ୍ୟ ଦେଶ ପାଇଁ ୩୭ ବର୍ଷ କାରାଦଣ୍ଡ ଭୋଗି ଯେଉଁ ବଳିଦାନ ଦେଇଛନ୍ତି, ସେଥିରୁ ଆଜିର ପିଢ଼ାମାନଙ୍କୁ ଅନେକ ନୂଆ କଥା ଶିଖିବାକୁ ପଡ଼ିବ । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପରିବେଶ ସୁରକ୍ଷା ପାଇଁ ଭାରତ ଆଜି ଯେଉଁ ସଂକଳ୍ପ ନେଇଛି, ସେହି ଦିଗରେ 'ସମ୍ବାଦ' ପକ୍ଷରୁ ଆରମ୍ଭ ହୋଇଥିବା 'ପୁନଶ୍ଚ ପୃଥିବୀ' ଅଭିଯାନକୁ ଶ୍ରୀ ପ୍ରଧାନ ଏକ ସାଧୁ ଉଦ୍ୟମ ଭାବେ ଅଭିହିତ କରିଛନ୍ତି । ବୈଦିକଙ୍କି ଶକ୍ତିର ବ୍ୟବହାର ଦ୍ୱାରା ଅଙ୍ଗାରକାମ୍ଳ ହ୍ରାସ କରିବା ପାଇଁ ହେଉଥିବା ପ୍ରୟାସରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ପୂରଣ କରିବା ପାଇଁ ଆମକୁ ଏବେଠାରୁ ପ୍ରସ୍ତୁତ ହେବାକୁ ପଡ଼ିବ । ଏହି ବିକାଶ ସେତେବେଳେ ସାର୍ଥକ ହେବ ଯେତେବେଳେ ଆମ ସମାଜ ସୁସ୍ଥ ଓ ସୁସଂଗଠିତ ରହିବ । ମାଳତୀ ଦେବୀ ଓ ରମାଦେବୀଙ୍କ ଭଳି ଆଦର୍ଶ ଚରିତ୍ର ଆଜିର ସମାଜରେ ସୃଷ୍ଟି ହେବ । ପରିବେଶକୁ ଠିକ୍ ରଖିବା, ନୂଆ ପିଢ଼ିକୁ ସଠିକ୍ ଦିଗଦର୍ଶନ ଦେବା, ମାଆ ଓ ଶିଶୁର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଏବଂ ମାତୃଭାଷାକୁ ଆଗେଇ ନେବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି । ଆମର ଏହି ସାମାଜିକ ଓ ସାଂସ୍କୃତିକ ଲକ୍ଷ୍ୟଗୁଡ଼ିକ ଯେତେବେଳେ ପୂରଣ ହେବ, ସେତେବେଳେ ହିଁ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଭଳି ମହାନ ସଂଗ୍ରାମୀଙ୍କ ବଳିଦାନ ପ୍ରକୃତ ଅର୍ଥରେ ସାର୍ଥକ ହେବ ବୋଲି ସେ କହିଛନ୍ତି । ଶେଷରେ 'ବୁଗା ଂଙ୍ଗ୍ଲରଶକୁ ବୁଲ ମହାନାୟକଙ୍କ ସ୍ମୃତିରେ ଉତ୍ସର୍ଗ କରିଥିବାରୁ ସେ ସମ୍ବାଦ ଅନୁଷ୍ଠାନକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ଝାରସୁଗୁଡ଼ା,୨୪/୧(ନି/ପ୍ର): ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ମହିଳା ସଶକ୍ତିକରଣ ବିଭାଗ, ଝାରସୁଗୁଡ଼ାର ଯୁଗ୍ମ ଆୟୋଜନରେ ଆଜି ଡିମସଏଟ୍ ଅଡିଟୋରିଅମ୍‌ରେ ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଛି । ଏହି ଅବସରକୁ କେନ୍ଦ୍ର କରି ଏକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାରୁ ଗତ ୧୭ ଜାନୁଆରୀ ଠାରୁ ୨୪ ଜାନୁଆରୀ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଚିତ୍ରାଙ୍କନ, ନିବନ୍ଧ, କଲ୍ପନା ଓ ଅନ୍ୟାନ୍ୟ ପ୍ରତିଯୋଗିତାମାନ ଆୟୋଜିତ କରାଯାଇଛି । ଆଜିର ମୁଖ୍ୟ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସାଚିବ। ବେଗମ୍, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚାକିରଖାନାର ଡା. ସୋମଦତ୍ତ ପୁରୋହିତ, ଜିଲ୍ଲା ଶିଶୁ ସୁରକ୍ଷା ଇନଜିନିଅର ଶ୍ରୀ ଚୂଡ଼ାମଣି ପଣ୍ଡା ଏବଂ ସେହତା ସ୍ୱେଚ୍ଛାସେବୀ ସଂସ୍ଥାର ଆନନ୍ଦିନୀ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ । ଅତିଥିମାନେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନର ଉଦ୍ଦେଶ୍ୟ, କନ୍ୟା ସନ୍ତାନମାନଙ୍କ ଅଧିକାର ଏବଂ ସେମାନଙ୍କ ସଶକ୍ତିକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ଗଡିଆ ସମସ୍ତ ଅତିଥି ଓ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ସଞ୍ଜୀସେନୀ ମହାନନ୍ଦ କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ, ଆତ୍ମିକା ବାଳିକା, ଶକ୍ତି ସଦନ କର୍ମକର୍ତ୍ତା, ଓ୍ୱାନ୍ ଷ୍ଟପ୍ ସେଂଟରର କର୍ମଚାରୀ, ବିଭିନ୍ନ ସ୍କୁଲ ଓ କଲେଜର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । ଏହି ଅବସରରେ ଜିଲ୍ଲା ଓ ରାଜ୍ୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ କ୍ରୀଷ୍ଣପ୍ରିୟା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରି କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରିଥିଲେ ।

ଅସହାୟ ବୃଦ୍ଧଙ୍କ ଶବଦାହ କରି ମାନବିକତାର ପରିଚୟ ଦେଲା ସ୍ୱେଚ୍ଛାସେବୀ

ବୃଷୁରା,୨୪/୧(ନି/ପ୍ର): ବଲାଙ୍ଗୀରବିଲ୍ଲା ବୃଷୁରା ସହରରେ ଆଜି ଗୋଟିଏ ଦୁଃଖଦ ଘଟଣା ଦେଖିବାକୁ ମିଳିଲା । ଜଣେ ଅସହାୟ ବୃଦ୍ଧ ଶ୍ରୀଧର ପୋଡ଼ଙ୍କ ମୃତ୍ୟୁ ପରେ ତାଙ୍କର କେହି ନିଜ ପରିବାର ସଦସ୍ୟ ଆଗକୁ ନଆସିବାରୁ ସେହି ବୃଦ୍ଧଙ୍କ ମୃତଦେହର ଶେଷକୃତ୍ୟ ଦାୟିତ୍ୱ ନେଇ ବୃଷୁରା ବଜରଙ୍ଗ ଦଳ ସଦସ୍ୟ ମଦନ ଚର୍ମାର କେନ୍ଦ୍ରବିନ୍ଦୁ ହୋଇଯାଇଛି । ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସେହି ଅସହାୟ ବୃଦ୍ଧ ଗତ କିଛି ବର୍ଷ ଧରି ବୃଷୁରା ସହର ଅଂଚଳରେ ବସବାସ କରୁଥିଲେ । ବୟସର ଭାର ଓ ଅସୁସ୍ଥତା ଯୋଗୁଁ ସେ ବିଭିନ୍ନ ସମୟଖରେ ଭୋଗୁଥିବା ସ୍ଥାନୀୟ ଲୋକ କହିଛନ୍ତି । ଆଜି ହଠାତ୍ ତାଙ୍କ ମୃତ୍ୟୁ ଘଟିଯିବା ପରେ କେହି ଆତ୍ମୀୟ-ସ୍ୱଜନ ସମ୍ପର୍କୀୟ ଆଗକୁ ନଆସିବା ଦୃଶ୍ୟ ଦେଖି ଅନେକଙ୍କ ଚକ୍ଷୁ ଆଞ୍ଚଳି ଭରିଯାଇଥିଲା । ଘଟଣା ସମ୍ପର୍କରେ ଖବର ମିଳିବା ପରେ ସହରର କିଛି ସ୍ଥାନୀୟ ବାସିନ୍ଦା ଓ ବୃଷୁରା ବଜରଙ୍ଗ ଦଳ ସଦସ୍ୟ ମଦନ ଚୁରନ୍ତ ସେଠାକୁ ପହଞ୍ଚି ଥିଲେ । ପରେ ବୃଷୁରା ଡାକ୍ତରଖାନାକୁ ନିଆ ଯାଇଥିଲା ସେଠି ବଦ୍ଧର ମୃତ ଘୋଷଣା କଲା ପରେ ସ୍ଥାନୀୟ ଆମାକୁ ସୂଚନା ଦେଇ ବୈଧ ପ୍ରକ୍ରିୟା ସମ୍ପନ୍ନ କଲାପରେ ସେମାନେ ମୃତଦେହକୁ ସତବାହ ପାଇଁ ବୃଷୁରା ସୋନଗଡ଼ ନଦୀକୁ ନେଇଯାଇଥିଲେ । ସମସ୍ତ ଧାର୍ମିକ ନୀତିନିୟମ ମାନି ସେହି ବୃଦ୍ଧଙ୍କ ଶେଷକୃତ୍ୟ ବୃଷୁରା ସୋନଗଡ଼ ନଦୀ ତଟରେ ସମ୍ପନ୍ନ କରାଯାଇଥିଲା । ଶବଦାହ ସମୟରେ ଯେକେହି ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ ଓ ମୃତ ବୃଦ୍ଧଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ମାନବ ହିସାବରେ ମାନବଙ୍କୁ ସହାୟତା କରିବା ଆମର କର୍ତ୍ତବ୍ୟ ତାଙ୍କର କେହି ନଥିଲେ ମଧ୍ୟ ସମାଜ ହିସାବରେ ଅଗ୍ରମ ଭାବର ପରିବାର ହେବା ଉଚିତ ବୋଲି ବଜରଙ୍ଗ ଦଳ ସଦସ୍ୟ କହିଛନ୍ତି । ସେମାନଙ୍କ କହିବା ଅନୁଯାୟୀ ଏହା କେବଳ ଧାର୍ମିକ କୃତ୍ୟ ନୁହେଁ ମାନବିକତାର ପ୍ରଶ୍ନ ।

କଳାହାଣ୍ଡି ସୀମାନ୍ତବର୍ତ୍ତୀ ଜଙ୍ଗଲରେ ମାଓବାଦୀ କ୍ୟାମ୍ପ ଠାବ
ବଡ଼ ଧରଣର କମ୍ବିଂ ଅପରେସନରେ ବିପୁଳ ମାଓ ସାମଗ୍ରୀ ଜବତ

ଲଙ୍କମାଳ,୨୪/୧(ନି/ପ୍ର):କେନ୍ଦ୍ର ସରକାରଙ୍କ ଦ୍ୱାରା ଦେଶକୁ ନକ୍ସଲ ଏବଂ ମାଓବାଦୀ ମୁକ୍ତ କରିବା ପାଇଁ ସ୍ଥିର କରାଯାଇଥିବା ଚାରିଖି ଯୋଜନା ଯେତେ ପାଖେଇ ଆସୁଛି, ପୋଲିସ ଏବଂ ସୁରକ୍ଷା ବାହିନୀଙ୍କ କ୍ରମିକ ଅପରେସନ ମଧ୍ୟ ସେତିକି ତୀବ୍ର ହେବାରେ ଲାଗିଛି । ସେହିଭଳି ଲଙ୍କମାଳ ଜିଲ୍ଲାରେ ମଧ୍ୟ ଜିଲ୍ଲା ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷାବାହିନୀ ମିଳିତ ଭାବେ ଜିଲ୍ଲାର ବିଭିନ୍ନ ନକ୍ସଲ ଏବଂ ମାଓବାଦୀ ପ୍ରବଣ ଅଂଚଳରେ କ୍ରମିକ ଅପରେସନରେ ତୀବ୍ର କରିଥିବା ଦେଖାଯାଉଛି । ଆଜି ସକାଳୁ ଜିଲ୍ଲା ପୋଲିସ, ସୀ ଓ ଜି, ଡି ଜି ଏଫ୍ ଏବଂ ସି ଆର୍ ପି ଏଫ୍ ମିଳିତ ଭାବେ ଲଙ୍କମାଳ-କଳାହାଣ୍ଡି ସୀମାନ୍ତବର୍ତ୍ତୀ ଗାଙ୍ଗେଲ ଜଙ୍ଗଲରେ ବଡ଼ ଧରଣର କ୍ରମିକ ଅପରେସନ ଆରମ୍ଭ କରିଛନ୍ତି ଏବଂ ମିଳିତ ଟିମ୍‌କୁ ବଡ଼ ସଫଳତା ମିଳିଥିବା ସୂଚନା ମିଳିଛି । ଏହି ଅବସରରେ ଜଙ୍ଗଲରେ ମିଳିତ ଟିମ୍ ଏକ ମାଓ କ୍ୟାମ୍ପକୁ ଠାବ କରିଛି ଏବଂ କ୍ୟାମ୍ପରୁ ବହୁ ବନ୍ଧୁକ ସହିତ ବିପୁଳ ପରିମାଣର ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି । ମାଓ ସାମଗ୍ରୀ ମଧ୍ୟରେ ୫ଟି ଇନସାସ୍, ୩ଟି ୩୦୩ ରାଇଫଲ୍ ଏବଂ ୫ଟି ଦେଶୀ ବନ୍ଧୁକ ସମେତ ୧୩ଟି ବନ୍ଧୁକ, ବହୁତ ଖାଦ୍ୟିଦି, ସୋଲାର ପାନେଲ, ବିଦ୍ୟୁତ ତାର, ମେଡ଼ିସିନ ଭଳି ଅନେକ ମାଓବାଦୀ ବ୍ୟବହାର କରୁଥିବା ସାମଗ୍ରୀ ଜବତ ହୋଇଛି । ବହୁ ହାର୍ଡକୋର ମାଓବାଦୀ ଏହି ଜଙ୍ଗଲରେ ଲୁଚି ରହିଥିବା ସନ୍ଦେହରେ ମିଳିତ ଟିମ ଏବେ ମଧ୍ୟ କ୍ରମିକ ଅପରେସନ ଜାରି ରଖିଛନ୍ତି ।ଲଙ୍କମାଳ ଏସପି ହରିଶ୍ ବିଶିଙ୍କ ନିଷ୍ପାପର ଉଦ୍ୟମ ଆହୁରିକରା ଓ ଜାର୍ଯ୍ୟଦକ୍ଷତା ଯୋଗୁଁ ଜିଲା ଏବେ ମାଓବାଦୀ ଶୂନ୍ୟ ହେବାକୁ ଯାଉଥିବା ଖବର ମିଳିଛି । ଏସପି ହରିଶ୍ ବିଶିଙ୍କ ସମୟରେ ଅନେକ ମାଓ ନେତାଙ୍କ ସହ କ୍ୟାଡ଼ର ମାଓବାଦୀ ନିହତ ହେବା ସହ ଅନେକ ସିଜଫ ହୋଇଛନ୍ତି । ଆଉ କିଛି ଭୟରେ ପୋଲିସ ନିକଟରେ ଆତ୍ମ ସମର୍ପଣ କରିଛନ୍ତି । ସେହିପରି ନିୟମିତ କମ୍ବିଙ୍ଗ ଅପରେସନ ଯୋଗୁଁ ବହୁ ମାଓ କ୍ୟାମ୍ପ ଧ୍ୱସ୍ତ ସହ ଅନେକ ଗୁଡ଼ିଏ ମାଓ ସାମଗ୍ରୀ ଜବତ କରିଛି ପୋଲିସ ।

ବେଦାନ୍ତ ଆଲୁମିନିୟମ ୧୮ଟି ବିଆଇଏସ ପ୍ରମାଣପତ୍ର ସହିତ ଗୁଣାତ୍ମକ ନେତୃତ୍ୱକୁ ସୁଦୃଢ଼ କରିଛି

ଝାରସୁଗୁଡ଼ା,୨୪/୧(ନି/ପ୍ର): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଘୋଷଣା କରିଛି ଯେ ଏହା ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଂଟ ଓଡ଼ିଶାର ଝାରସୁଗୁଡ଼ା ଏବଂ ଛତିଶଗଢ଼ର କୋରବା, ଯେଉଁଠାରେ ଭାରତର ପ୍ରତୀକାତ୍ମକ ଆଲୁମିନିୟମ ଉତ୍ପାଦ ଭାରତ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ବାଲକୋ) ଅବସ୍ଥିତ, ସେଠାରେ ଏହାର ସ୍ମେଲ୍ଟର କାର୍ଯ୍ୟରେ କ୍ରମାଗତ ଭାବରେ ମୋଟ ୧୮ଟି ବିଆଇଏସ (ଏଥିରେ ଅତ୍ ଲକ୍ଷିଆନ୍ ଷ୍ଟାଣ୍ଡାର୍ଡସ୍) ପ୍ରମାଣପତ୍ର ହାସଲ କରିଛି । ଏହି ପ୍ରମାଣପତ୍ରଗୁଡ଼ିକ ସମୟ ସହିତ କ୍ରମାଗତ ଭାବରେ ଅର୍ଜନ କରିଛନ୍ତି ଯାହା ଶିଳ୍ପରେ ଗୁଣବତ୍ତା, ନିର୍ଭରଯୋଗ୍ୟତା ଏବଂ ନିୟାମକ ଅନୁପାଳନରେ ବେଦାନ୍ତ ଆଲୁମିନିୟମର ସ୍ଥିତିକୁ ପୁନଃନିର୍ଦ୍ଦିଷ୍ଟ କରେ । ଉପଲବ୍ଧ ବିଆଏସ ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଏହାର ବିଶାଳ ପରିସରର ଆଲୁମିନିୟମ ଉତ୍ପାଦ ପାଇଁ ପ୍ରମାଣପତ୍ର ହାସଲ କରିବାରେ ଭାରତୀୟ ଆଲୁମିନିୟମ ଶିଳ୍ପରେ ବେଦାନ୍ତ ଆଲୁମିନିୟମ ପ୍ରଥମ ଥିଲା । ସବୁଠାରୁ ସାମ୍ପ୍ରତିକ ପ୍ରମାଣପତ୍ର ଏହାର ୟୁନିଟ୍ ବାଲକୋ ଦ୍ୱାରା ହାସଲ କରାଯାଇଛି ଏବଂ ଏହା ଆଇଏସ ୯୯୯୭:୨୦୨୩ ଅନୁଯାୟୀ ଆଲୁମିନିୟମ୍ ଆଲୟ ଖାୟାର ରଡ୍‌ଗୁଡ଼ିକୁ କଭର୍ କରେ । ଏହା ଭାରତର ପାଖାର ଗ୍ରାହ୍, ଅଟୋମୋଟିଭ୍ କ୍ଷେତ୍ର ଏବଂ ଉନ୍ନତ ଇଞ୍ଜିନିୟରିଂ ଆପ୍ଲିକେସନ୍ ପାଇଁ ଲଚ-କାର୍ଯ୍ୟକ୍ଷମ ସାମଗ୍ରୀ ଯୋଗାଣ କରିବାର ବେଦାନ୍ତ ଆଲୁମିନିୟମ୍ କ୍ଷମତାକୁ ସୁଦୃଢ଼ କରେ । ଏହି ଆଲୟ ରିଡ୍ରଅ ରଡ୍‌ଗୁଡ଼ିକୁ ବାହିଖାଡୁର୍ସ ପ୍ରୟୋଗ ପାଇଁ ଇଞ୍ଜିନିୟର୍ କରାଯାଇଛି ଯେଉଁଠାରେ ଶକ୍ତି, ବାହକତା ଏବଂ ସ୍ଥାୟୀତ୍ୱ ଗୁରୁତ୍ୱପୂର୍ଣ୍ଣ । ଆଇଏସ ୯୯୯୭:୨୦୨୩ ଅନୁଯାୟୀ ପ୍ରମାଣିତ, ଏଗୁଡ଼ିକ ଓଭରହେଡ୍ ଗ୍ରାଉଣ୍ଡିସନ୍ ଲାଇନ୍, ଅଟୋମୋଟିଭ୍ ଖାୟାଙ୍ଗି ସିଷ୍ଟମ୍ ଏବଂ ଷ୍ଟେଲ୍ଥି ତାର ପାଇଁ ଉଦ୍ଦେଶ୍ୟମୂଳକ ଭାବରେ ନିର୍ମିତ, ଯାହା ଭାରତର ଅଭିବୃଦ୍ଧି ଏବଂ ଆଧୁନିକୀକରଣକୁ ଶକ୍ତି ପ୍ରଦାନ କରୁଥିବା ଶିଳ୍ପଗୁଡ଼ିକୁ ସମର୍ଥନ କରେ । ଏହି ସ'ଳତା ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଗୁଣବତ୍ତା ଏବଂ ନବସୃଜନ ହେଉଛି ବେଦାନ୍ତ ଆଲୁମିନିୟମର ଅଭିବୃଦ୍ଧି ରଣନୀତିର ଯୁଗଳ ସ୍ତମ୍ଭ । ଆମର ଲକ୍ଷ୍ୟ ହେଉଛି ଆମର ପୋର୍ଟ'ଫୋଲିଓରେ ମୂଲ୍ୟଯୁକ୍ତ ଉତ୍ପାଦର ୯୦% ଅଂଶ ହାସଲ କରିବା, ଏବଂ ଏହାକୁ ବାସ୍ତବରେ ପରିଣତ କରିବା ପାଇଁ ଆମେ କ୍ଷମତା ବିସ୍ତାର ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତିରେ ଉଲ୍ଲେଖନୀୟ ନିବେଶ କରୁଛୁ । ଏହି ବିଆଇଏସ ପ୍ରମାଣପତ୍ରଗୁଡ଼ିକ ବିଶ୍ୱସନୀୟତା ଏବଂ କାର୍ଯ୍ୟଦକ୍ଷତାର ସର୍ବୋଚ୍ଚ ମାନଦଣ୍ଡ ପୂରଣ କରୁଥିବା ଉତ୍ପାଦ ପ୍ରଦାନ କରିବା ଉପରେ ଆମର ଧ୍ୱାନର ଏକ ପ୍ରମାଣ, ଯାହା ଜନ୍ମଭୂମି ଭିତ୍ତିଭୂମି ଏବଂ ସ୍ଥାୟୀ ଉତ୍ପାଦନ ଦିଗରେ ଭାରତର ଯାତ୍ରାକୁ ସମର୍ଥନ କରିଛି ।" ବାଲକୋର ସିଇଓ ଏବଂ ନିର୍ଦ୍ଦେଶକ ରାଜେଶ କୁମାର କହିଛନ୍ତି, "ବାଲକୋରେ, ଆମେ ଲଚ-ଗୁଣବତ୍ତା ଉତ୍ପାଦ ପ୍ରଦାନ କରିବାକୁ ପ୍ରତିବଦ୍ଧ ଅଟୁ ଯାହା କେବଳ ଦେଶର ପ୍ରଗତିକୁ ଆଗେଇ ନେଇନାହିଁ ବରଂ ସମସ୍ତଙ୍କ ପାଇଁ ଏକ ଦୃଢ଼ ଏବଂ ସ୍ଥାୟୀ ଭବିଷ୍ୟତ ମଞ୍ଚ ନିର୍ମାଣ କରେ । ଏହି ନୂତନ ବିଆଇଏସ ପ୍ରମାଣପତ୍ର ଗୁଣବତ୍ତା ପ୍ରତି ଆମର ସାମଗ୍ରିକ ଆଭିମୁଖ୍ୟକୁ ପ୍ରତିଫଳିତ କରେ, ଯେଉଁଠାରେ କଠୋର ଯାଂଚ, ଶୃଙ୍ଖଳିତ ପ୍ରକ୍ରିୟା ଏବଂ ଉତ୍କର୍ଷତାର ଏକ ସଂସ୍କୃତି, ନିଶ୍ଚିତ କରେ ଯେ ଆମେ ପ୍ରଦାନ କରୁଥିବା ପ୍ରତ୍ୟେକ ଉତ୍ପାଦ ଭାରତ ପାଇଁ ଏକ ଦୃଢ଼, ସ୍ଥାୟୀ ଭବିଷ୍ୟତ ଗଠନରେ ଯୋଗଦାନ କରେ।" ଭାରତର ସର୍ବୋଚ୍ଚ ମାନଦଣ୍ଡ ସଂସ୍ଥା ବିଆଇଏସ ଦ୍ୱାରା ଉତ୍ପାଦନ ପ୍ରକ୍ରିୟା, ଉତ୍ପାଦ ଅଖଣ୍ଡତା, ପରୀକ୍ଷଣ ପ୍ରୋଟୋକଲ ଏବଂ କାର୍ଯ୍ୟକ୍ଷମ ସ୍ଥିରତାର କଠୋର ମୂଲ୍ୟାଙ୍କନ ପରେ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହା ବାଲକୋର ବିଆଇଏସ-ପ୍ରମାଣିତ ଆଲୁମିନିୟମ ଉତ୍ପାଦ ଯେପରିକି ଆଲୟ ଜନରଙ୍ଗ (ପ୍ରାଥମିକ 'ଡଲ୍ଫିନ ଆଲୟ), ଇସି ଜନରଙ୍ଗ, ଟି ଜନରଙ୍ଗ, ତାର ରଡ୍, ଫୁଲ, ସିଟ୍ ଏବଂ ଷ୍ଟ୍ରିପ୍, ଅଟୋମୋଟିଭ୍, ନିର୍ମାଣ, ବୈଦ୍ୟୁତିକ ଗିଅ୍, ପ୍ୟାକେଜିଂ ଏବଂ ଇଞ୍ଜିନିୟରିଂ ପାଇଁ ଆବଶ୍ୟକୀୟ ସାମଗ୍ରୀର ବର୍ଦ୍ଧିତ ତାଲିକାରେ ଯୋଡି ହୋଇଛି । କିନ୍ତୁ ଭାରତର ବୃଦ୍ଧିକୋଣ ସହିତ ସଂସ୍ଥୁତ, ବେଦାନ୍ତ ଆଲୁମିନିୟମର ପ୍ରମାଣିତ, ମୂଲ୍ୟଯୁକ୍ତ ଉତ୍ପାଦଗୁଡ଼ିକ ଶ୍ରୀଡ୍ ଆଧୁନିକୀକରଣ, ଗତିଶୀଳତା, ସୁଲଭ ଗୃହ, ଶିଳ୍ପ ବିଦ୍ୟୁତୀକରଣ ଏବଂ ସଠିକ୍ ଇଞ୍ଜିନିୟରିଂକୁ ସିଧାସଳଖ ସମର୍ଥନ କରେ, ଯାହା ଭାରତର ଆତ୍ମାମୀ ଦଶନ୍ଧି ପାଇଁ ମୁଖ୍ୟ ପ୍ରାଥମିକତା । କ୍ଷମତା ବିସ୍ତାର କରି, ପ୍ରଯୁକ୍ତିବିଦ୍ୟା ଅପଗ୍ରେଡ୍ ଦୃଢ଼ାନ୍ୱିତ କରି ଏବଂ ମାନଦଣ୍ଡ ଅନୁପାଳନରେ ନେତୃତ୍ୱ ନେଇ, କମ୍ପାନୀ ଘରୋଇ ଯୋଗାଣ ଶୃଙ୍ଖଳକୁ ମଜବୁତ କରୁଛି, ଆମଦାନୀ ନିର୍ଭରତା ହ

ରାଉରକେଲା ହାଫ୍ ମାରାଥନର ଉଦଘାଟନୀ ସଂସ୍କରଣ ବିପୁଳ ସଫଳତା ସହିତ ଶେଷ

ଏଆଇଏମଏସ ପ୍ରମାଣିକୃତ ମେଗା ଇଭେଣ୍ଟରେ ଭାରତର ୫୦୦୦ରୁ ଅଧିକ ଦୌଡାଳିଙ୍କ ଅଂଶଗ୍ରହଣ

ରାଉରକେଲା,୨୪/୧(ନି/ପ୍): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ ପି) ଦ୍ୱାରା ସେଲ ସ୍ଥାପନା ଦିବସ ପାଳନ ଅବସରରେ ଜାନୁଆରୀ ୨୪ ତାରିଖରେ ଆୟୋଜିତ ରାଉରକେଲା ହାଫ୍ ମାରାଥନର ଉଦଘାଟନୀ ସଂସ୍କରଣ ବିପୁଳ ସଫଳତା ସହକାରେ ସମ୍ପନ୍ନ ହୋଇଛି । ଏଥିରେ ଅନ୍ୟ ରାଜ୍ୟର ୧୨୫୧ ଜଣ ଜାତୀୟ ସ୍ତରୀୟ ଦୌଡାଳିଙ୍କ ସମେତ ୫୦୦୦ରୁ ଅଧିକ ଦୌଡାଳି ଏଆଇଏମଏସ (ଆନ୍ତର୍ଜାତୀୟ ମାରାଥନ୍ ଏବଂ ଦୂରତା ଦୌଡ଼ ସଂଘ) ପ୍ରମାଣିକୃତ ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ ଯାହା ଇସ୍ପାତ ସହର ରାଉରକେଲାକୁ ବିଶ୍ୱ ଦୌଡ଼ ମାନଚିତ୍ରରେ ସ୍ଥାନ ଦେଇଥିଲା । ଏହାର ଫଳସ୍ୱରୂପ ଭାରତ ସରକାରଙ୍କ ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ, ରାଉରକେଲା ମାନ୍ୟବର ବିଧାୟକ ଶ୍ରୀ ସାରଦା ପ୍ରସାଦ ନାୟକ, ଆରଏସପିର ଭାରପ୍ରାପ୍ତ ନିର୍ବେଶକ ଶ୍ରୀ ଆଲୋକ ବର୍ମା, ପୂର୍ବତନ ଡ଼ିଆଇସି ଶ୍ରୀ ଅତନୁ ଭୌମିକ, ପଣ୍ଟିମାଟଂକ ବିଧାୟକ ଶ୍ରୀ ବ୍ରିଜେଶ ରାୟ, ସିଆଇଏସଏଫ ଡ଼ିଆଇଜି ଶ୍ରୀ ରତନ କୁମାର, ରାଉରକେଲା ଏସପି ଶ୍ରୀ ନିଶେଶ ଖୁଣ୍ଟିଆନୀ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତାଗୀର, ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ, ଏନଆଇଟି ରାଉରକେଲା ନିର୍ବେଶକ ପ୍ରଫେସର ଉମା ମହେଶ୍ୱର ରାଓ, ଆରଏସପିର ସମସ୍ତ ନିର୍ବାହୀ ନିର୍ଦ୍ଦେଶକ, ଦୀପିକା ମହିଳା ସଂଘରିର ପରିଚାଳନା ପରିଷଦର ସଦସ୍ୟାଙ୍କ ସମେତ ଦ୍ରୋଣ ସ୍ମୁନିଅନ ଏବଂ ଅଧିକାରୀ ସଂଘର ପ୍ରତିନିଧି ତଥା ପ୍ରଖ୍ୟାତ ଭ୍ରାତାଦିବମାନେ ଉପସ୍ଥିତ ଥିଲେ । ଏହି ମାରାଥନରେ ଭ୍ରାତା ଭଗତରୁ ଅର୍ଜୁନ ପୁରସ୍କାର ପ୍ରାପ୍ତ ସୁନୀଲ ପାତ୍ର, ରୋମେନ ଘୋଷ, ଆନ୍ତର୍ଜାତୀୟ ମାରାଥନ ବିଜେତା ଦଙ୍କର ସୁନିତା ଗୋଦାରା, ଅର୍ଜୁନ ପୁରସ୍କାର ପ୍ରାପ୍ତ ରବିତା ମିସ୍ତ୍ରୀ, ରାଉରକେଲା ପରିବାରର ହବି ଚାରକା ଅଲିମ୍ପିଆନ ଓ ଅର୍ଜୁନ ପୁରସ୍କାର ପ୍ରାପ୍ତ ବୀରେନ୍ଦ୍ର ଲାଚ୍ରାଙ୍କ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳିଥିଲା । ଏହି ମେଗା ଇଭେଣ୍ଟର ଶୁଭାରମ୍ଭ ୨୧.୧ କିଲୋମିଟର ପୁରୁଷ ବର୍ଗକୁ ପତାକା ଦେଖାଇ ଆରମ୍ଭ କରାଯାଇଥିଲା, ପରେପରେ ବିଭିନ୍ନ ବୟସ ବର୍ଗର ପୁରୁଷ ଏବଂ ମହିଳାମାନଙ୍କ ପାଇଁ ୨୧.୧ କିଲୋମିଟର, ୧୦ କିଲୋମିଟର ଏବଂ ୫ କିଲୋମିଟର ଦୌଡ଼ ଏବଂ ଭିନ୍ନକ୍ଷମ ଅଂଶଗ୍ରହଣକାରୀଙ୍କ ପାଇଁ ୨ କିଲୋମିଟର ଦୌଡ଼ ଆରମ୍ଭ ହୋଇଥିଲା । ନିପୁଣ ଯୋଜନାକୃତ ଇଭେଣ୍ଟ କାର୍ଯ୍ୟସୂଚୀ ସମସ୍ତ ଦୌଡ଼ର ସୁଗମ ପରିଚାଳନାକୁ ସୁନିଶ୍ଚିତ କରିଥିଲା । ରାଉରକେଲାର ରିଙ୍ଗ ରୋଡ୍ ମାରାଥନ ପାଇଁ ଏକ ଚମତ୍କାର ପରିବେଶ ପ୍ରଦାନ କରିଥିଲା, ଦୌଡାଳି ମାନେ ସବୁଜିମା ଭରା ପରିପାର୍ଶ୍ୱ ଏବଂ ରିଙ୍ଗ ରୋଡର ମଧ୍ୟବର୍ତ୍ତୀ ଭାଗରେ ମନୋରମ ରଙ୍ଗବେରଙ୍গ ଜାଗକ ଫୁଲ ଆହ୍ଲାଦିତ ସ୍ଥାନ ଦେଇ ଗତି କରିଥିଲେ । ଏହି ପ୍ରାକୃତିକ ମାର୍ଗ ଅଂଶଗ୍ରହଣକାରୀମାନଙ୍କୁ କେବଳ ଏକ ସତେଜ ଏବଂ ପ୍ରେରଣାଦାୟକ ଅଭିଜ୍ଞତା ପ୍ରଦାନ କରିନଥିଲା ବରଂ ସହର ବିକାଶ ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଏକ ସମନ୍ୱିତ ମିଶ୍ରଣକୁ ମଧ୍ୟ ପ୍ରତିପାଦନ କରିଥିଲା । ଦୌଡାଳି ଏବଂ ବର୍ଷଙ୍କ ଠାରୁ ଏହାକୁ ବହୁ ପ୍ରଶଂସା ମଧ୍ୟ ମିଳି ଥିଲା । ମାରାଥନ ମାର୍ଗରେ ଫନ ସେଟର୍ସ ମାନ ସ୍ଥାପନ କରାଯାଇଥିଲା, ଯେଉଁଠାରେ ଦୌଡାଳିମାନଙ୍କୁ ଉତ୍ସାହର ସହିତ ଚିତ୍ରକଳିବର ଏବଂ ପିଲାମାନେ ଉତ୍ସାହିତ କରିଥିଲେ, ଯାହା ସମଗ୍ର ରାସ୍ତାରେ ବିପୁଳ ପ୍ରେରଣା ଯୋଗ କରିଥିଲା । ଅଂଶଗ୍ରହଣକାରୀଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ସର୍ବୋତମ ପ୍ରଦର୍ଶନ ସୁନିଶ୍ଚିତ କରିବା ପାଇଁ ମାର୍ଗରେ ହାଇଡ୍ରେସନ୍ ପଏଣ୍ଟ ଏବଂ ଚିକିତ୍ସା ସହାୟତା ପଏଣ୍ଟ ସମେତ ବିସ୍ତୃତ ବ୍ୟବସ୍ଥା ଉପଲବ୍ଧ କରାଯାଇଥିଲା । ଶ୍ରୀ ସାରଦା ପ୍ରସାଦ ନାୟକ, ଶ୍ରୀ ଆଲୋକ ବର୍ମା, ଆରଏସପିର ନିର୍ବାହୀ ନିର୍ଦ୍ଦେଶକଙ୍କ ସହିତ ବିଭିନ୍ନ ବର୍ଗର ବିଜେତାମାନଙ୍କୁ ଟ୍ରଫି ଏବଂ ନଗଦ ପୁରସ୍କାର ପ୍ରଦାନ କରିଥିଲେ । ମାରାଥନର ବିଭିନ୍ନ ବର୍ଗରେ ବିଜେତାମାନଙ୍କୁ ମୋଟ ୭,୭୦,୮୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି ଅବସରରେ, ଡ଼ିଆଇସି କହିଥିଲେ ଯେ ଏହି କାର୍ଯ୍ୟକ୍ରମ ରାଉରକେଲା ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ଭାବରେ ଚିହ୍ନିତ ହୋଇଛି । ଅଂଚଳର ଭ୍ରାତା ପ୍ରତିଭାକୁ ପୋଷଣ କରିବାର ମହତ୍ୱ ଉପରେ ଗୁରୁତ୍ୱାରୋପ କରି, ସେ କରିଥିଲେ ଯେ ମାରାଥନରେ ପାର୍ଶ୍ୱବର୍ତ୍ତୀ ଅଂଚଳର ଅଂଶଗ୍ରହଣକାରୀଙ୍କ ପାଇଁ ସର୍ବାଧିକ ପୁରସ୍କାର ରାଶି ରହିଛି । ଉଲ୍ଲେଖନୀୟ ଯେ, ସିଏସଆର ଗ୍ରାମଗୁଡ଼ିକର ଯୁବବର୍ଗଙ୍କ ସର୍ବାଧିକ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ, ସେମାନଙ୍କୁ ପୂର୍ବ ରାତିରୁ ଅଣାଯାଇ ଷ୍ଟାଡିୟମରେ ରଖାଯାଇଥିଲା ଏବଂ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା ଏବଂ ଅନ୍ୟମାନଙ୍କୁ କାର୍ଯ୍ୟକ୍ରମ ପାଇଁ ବସ୍‌ରେ ଅଣାଯାଇଥିଲା । ଦୌଡ଼ ପୂର୍ବରୁ ଅଂଶଗ୍ରହଣକାରୀମାନଙ୍କୁ ଦଙ୍କର ଗୋଦାରା ଏବଂ ସୁଶ୍ରୀ ଅନୁପ୍ରିୟା ସିହ୍ନାଙ୍କ ମାର୍ଗଦର୍ଶନରେ ଜୁମ୍ବା ମାଧ୍ୟମରେ ୱାର୍ମ ଅପ କରାଯାଇଥିଲା । ଆରଏସପିର ନିଜସ୍ୱ ମ୍ୟୁଜିକ୍ ବ୍ୟାଣ୍ଡ୍ ନିନାଦର ଲାଇଭ୍ ମ୍ୟୁଜିକ୍ ଉତ୍ସବ ପରିବେଶକୁ ଆହୁରି ଜୀବନ୍ତ କରିବା ସହିତ ସ୍ଥାନଟି ସମସ୍ତଙ୍କ ମନରେ ବେଶ ଉତ୍ସାହ ଭରିଦେଇ ଥିଲା ।

ରାଉରକେଲାରେ ପିଏମ୍ ସ୍ୱନିଧି ଯୋଜନାର ସିଧାପ୍ରସାରଣ

ଉଠା ଦୋକାନୀ ଓ ବୁଲା ବିକାଳୀଙ୍କୁ ଋଣ ଓ କ୍ରେଡିଟ୍ କାର୍ଡ ପ୍ରଦାନ କଲେ ମାନ୍ୟବର ପ୍ରଧାନମନ୍ତ୍ରୀ

ରାଉରକେଲା,୨୪/୧(ନି/ପ୍): ଉଠା ଦୋକାନୀ ତଥା ବୁଲା ବିକାଳୀଙ୍କ ଆର୍ଥିକ ଅଭିବୃଦ୍ଧିକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କେରଳର ଥିରୁଅନନ୍ତପୁରମ ଠାରେ ୧ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଋଣ ପ୍ରଦାନ ସହ ନୂତନ ଭାବେ କ୍ରେଡିଟ୍ କାର୍ଡ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ରାଉରକେଲା ମହାନଗର ନିଗମର ପାଠାଗାର ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମାନ୍ୟବର ବିଧାୟକ ରଘୁନାଥପାଲି ଶ୍ରୀଯୁକ୍ତ ଦୁର୍ଗା ଚରଣତନ୍ତୀ ଅତିଥିଭାବେ ଯୋଗଦେଇ ସରକାରଙ୍କ ଏହି ଅନନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି । ସଗରୀ ଉନ୍ନୟନ ବିଭାଗର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଜମ୍ମୁ ଝୁଡରେ ଗଣ ସହ ବାର୍ତ୍ତ ପରିଶୋଧ ଅବଧି ମିଳୁଥିବାରୁ ହିତାଧିକାରୀମାନେ ବିଶେଷ ଭାବେ ଉପକୃତ ହେବା ସେ କହିଥିଲେ । ସମାଜର ସବୁ ବର୍ଗର ଲୋକଙ୍କ ସହଭାଗିତାରେ ସରକାର ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଲକ୍ଷ୍ୟ ରଖୁଥିବା ବେଳେ, ଏହି ମହତ୍ୱାକାଂକ୍ଷୀ ଯୋଜନା ଏକ ଉତପ୍ରେରକ ଭୂମିକା ନିଭାଇବା ସହ ଉଠା ଦୋକାନୀ ତଥା ବୁଲା ବିକାଳୀଙ୍କ ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ବୋଲି ସେ କହିଥିଲେ । ସାରା ଦେଶରେ ୧ ଲକ୍ଷ ହିତାଧିକାରୀଙ୍କୁ ଆଜି ଋଣ ପ୍ରଦାନ କରାଯାଇଥିବା ବେଳେ ରାଉରକେଲା ସହରରୁ ଶତାଧିକ ହିତାଧିକାରୀ ଏଥିରେ ସାମିଲ ଅଛନ୍ତି । ଏଥିସହ୩୬ଜଣ ହିତାଧିକାରୀ କ୍ରେଡିଟ୍ କାର୍ଡ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ପିଏମ୍ ସ୍ୱନିଧି ଯୋଜନାରେ ହିତାଧିକାରୀଙ୍କୁ ପ୍ରଥମେ ୧୫ ହଜାର ଏହାକୁପରିଶୋଧ କରିବା ପରେ ୨୫ ହଜାର ଏବଂ ଶେଷରେ ୫୦ ହଜାର ଟଙ୍କାର ଋଣ ପ୍ରଦାନ କରାଯାଇଛି । କମ୍ ସୁଧ ହାର ସହ ସହଜ ଋଣ ପ୍ରକ୍ରିୟା ଓ ସୁବିଧାଜନକ ପରିଶୋଧ ଅବଧି ମିଳୁଥିବାରୁ, ଏଥି ନିମନ୍ତେ ଲୋକମାନଙ୍କ ମଧ୍ୟରେ ଆଗ୍ରହ ଦେଖାଯାଉଛି । ବର୍ତ୍ତମାନ ସରକାର ନୂତନ ଭାବେ କ୍ରେଡିଟ୍ କାର୍ଡ ବ୍ୟବସ୍ଥାର ପ୍ରଚଳନ କରିଥିବାରୁ ହିତାଧିକାରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି । ଏହି ସିଧାପ୍ରସାରଣ କାର୍ଯ୍ୟକ୍ରମରେ ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର, ଯୁଗ୍ମ ଆୟୁକ୍ତ ଶ୍ରୀମତୀ ପଲୁଲୀ ନାୟକ, ଉପ ପୌରାୟୁକ୍ତ ଶ୍ରୀମତୀ ଅନୀତା ନାଏକ, ଉପ ପୌରାୟୁକ୍ତ ଶ୍ରୀଯୁକ୍ତ ତରୁଣ କାନ୍ତ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକଙ୍କ ସହ ଆରଏମସିର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ପ୍ରାକୃତିକ ଚିକିତ୍ସା ଶିବିର ଉଦ୍‌ଘାଟିତ

ରାଉରକେଲା,୨୪/୧(ନି/ପ୍): ସହରର ରେଳ ଷ୍ଟେସନ ନିକଟବର୍ତ୍ତୀ ଥିବା ଅମର ଭବନ ପରିସରରେ ରାଜସ୍ଥାନ ପରିଷଦ ପକ୍ଷରୁ ଶନିବାର ଦିନ ଦୁଇ ଦିନିଆ ପ୍ରାକୃତିକ ଚିକିତ୍ସା ଶିବିରର ଶୁଭାରମ୍ଭ କରାଯାଇଛି । ରାଜସ୍ଥାନ ପରିଷଦ ଏବଂ ପ୍ରାକୃତିକ ଚିକିତ୍ସା ଶିବିର ସ୍ୱାସ୍ଥ୍ୟ ଝାଲା ଭୁବନେଶ୍ୱରର ମିଳିତ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି ଶିବିରରେ ଭୁବନେଶ୍ୱରରୁ ଆସିଥିବା ଡାକ୍ତର ମିଳନ ମୋହନ ପରାଶର ପ୍ରାକୃତିକ ଚିକିତ୍ସା ପଦ୍ଧତି ମାଧ୍ୟମରେ ସମ୍ପୂର୍ଣ୍ଣ ଶରୀରର ରୋଗକୁ ବିନା ଔଷଧରେ କିପରି ଚିକିତ୍ସା କରାଯାଇପାରିବ ତାହା ବ୍ୟାଖ୍ୟା କରିଥିଲେ । ଏହି ଦୁଇ ଦିନିଆ ଶିବିରରେ ଯୋଗ ଦେଇ ଲୋକମାନେ ଏହାର ଲାଭ ନେଇପାରିବେ ବୋଲି ସୂଚନା ଦିଆଯାଇଛି । ଏହି ଶିବିରକୁ ରାଜସ୍ଥାନ ପରିଷଦର ପୂର୍ବତନ ସଭାପତି ବଦ୍ରି ନାରାୟଣ ମାହେଶ୍ୱରୀ, ମହାବୀର ଟୋଡି, ତରୁଣ ମାଲାନି, ଶୈଳେନ୍ଦ୍ର ମାରୋଥିଆ, ସନ୍ତୋଷ ଅଗ୍ରୱାଲ, ବର୍ତ୍ତମାନର ସଭାପତି ସୁଗନ ମାରୋଥିଆ, ସମ୍ପାଦକ ଲଳିତ କେଜରିୱାଲ, ପୃଷ୍ଠପୋଷକ କମିଟି ସଦସ୍ୟ ବିନୋଦ ଟୋଡି, ସୁରେଶ କେଜରିୱାଲ, ଉପାଧ୍ୟକ୍ଷ ବିନୋଦ ନାରେଡି, ସହ-ସଚିବ ବିନୟ ଶର୍ମା, ମନୋଜ ଅଗ୍ରୱାଲ, କୋଷାଧ୍ୟକ୍ଷ ମୁକେଶ କେଡିଆ ଏବଂ ଶିବିରରେ ଉପସ୍ଥିତ ସମସ୍ତ କାର୍ଯ୍ୟନିର୍ବାହୀ ସଦସ୍ୟ ମିଳିତ ଭାବରେ ଉଦ୍ଘାଟନ କରିଥିଲେ । ଆଜି, ବହୁ ସଂଖ୍ୟକ ଲୋକ ଏହି ଶିବିରରେ ସହଚିତ୍ ଲାଭ ଉଠାଇଥିଲେ ।

ଜଙ୍ଗଲ ଭିତରକୁ ଯାଇଥିଲେ ବନ କର୍ମଚାରୀ

୩ ବାଇକ୍ ଜାଳି ଦେଲେ ଦୁର୍ବୃତ

ନବରଙ୍ଗପୁର,୨୪।୧(ନି/ପ୍): ବନ ବିଭାଗରେ କାର୍ଯ୍ୟରତ ତିନି ଜଙ୍ଗଲ ଜଗୁଆଳୀ କର୍ମଚାରୀଙ୍କ ବାଇକକୁ ନିଆଁ ଲଗାଇ ବେଲେ ଦୁର୍ବୃତ । ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଡାବୁଗାଁ ରେଞ୍ଜ କେନ୍ଦୁଗୁଡା ବନ ସଂରକ୍ଷଣ ସମିତି ମୈଦଲପୁର ସେକସନ ବାର୍ଣ୍ଣିବିଟ ଜଙ୍ଗଲରେ ଘଟିଛି ଏଭଳି ଘଟଣା । ମୈଦଲପୁର ବନାଂଚଳ ଅଧୀନ ଜଙ୍ଗଲରେ କାର୍ଯ୍ୟରତ ତିନି ଜଗୁଆଳି କ୍ଷୀରୋସିନ୍ଧୁ ଯାନୀ, ଗଜେନ୍ଦ୍ର ଯାନୀ ଓ ସୁରେନ୍ଦ୍ର ଅଗ୍ରୱାଲ ଜଙ୍ଗଲରେ ନିଜ କାର୍ଯ୍ୟ କରିବାକୁ ଯାଇଥିଲେ । ବାଇକ ରଖି ଜଙ୍ଗଲ ଭିତରକୁ କାର୍ଯ୍ୟ କରିବାକୁ ଯାଇଥିଲେ । ଏହାର ସୁଯୋଗ ନେଇ କିଛି ଅଜଣା ଦୁଇ ଦୁର୍ବୃତ ରଖିଥିବା ବାଇକକୁ ନିଆଁ ଲଗାଇ ଥିଲେ । ଫଳରେ ୩ ଟି ବାଇକ ମଧ୍ୟରୁ ଗୋଟିଏ ବାଇକ ନିଆଁ ରେ ଜଳି ଯାଇଥିବା ବେଳେ ଦୁଇଟି ବାଇକ ରେ ନିଆଁ ଲାଗୁ ଥିବା ସମୟରେ ସେମାନେ ଆସି ନିଆଁକୁ ଆୟତ କରିଥିଲେ । ଖବର ପାଇ ମୈଦଲପୁର ବନ ବିଭାଗ ଅଧିକାରୀ ମଧୁସୂଦନ ପାତ୍ର ଘଟଣା ସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ ।ଗୋଟେ ବାଇକ ସମ୍ପୂର୍ଣ ନଷ୍ଟ ହୋଇଯାଇଛି । ଅନ୍ୟପଟେ ବନ ବିଭାଗ ଅଧିକାରୀ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଏଭଳି ଭାଙ୍ଗ ଜିଏ ଘଟାଇଛି ତାହା ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ ତରଫରୁ ସୂଚନା ମିଳିଛି । ତେବେ ମୈଦଲପୁର ଅଂଚଳରେ ଦିନକୁ ଦିନ ବାଇକ ଚୋରି ବଢୁଥିବା ସମୟରେ ପୁଣି ବାଇକକୁ ନିଆଁ ଲଗାଇବା ଏଭଳି କାର୍ଯ୍ୟହେତୁ ଅଂଚଳବାସୀ ଭୟଭୀତ ରହିଛନ୍ତି । ପୋଲିସ ପ୍ରଶାସନ ଦୁର୍ବୃତମାନଙ୍କୁ ଶୀଘ୍ର ଧରିବାକୁ ଅଂଚଳବାସୀ ଦାବି କରିଛନ୍ତି । ଜଙ୍ଗଲ ଜମି ମାଫିଆ ନା ଛାଡ ମାଫିଆ ବାଇକ ରେ ନିଆଁ ଲଗାଇ ଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି ।

କୃଷି ଓଡ଼ିଶା ଉଦ୍‌ଘାଟିତ

ଭୁବନେଶ୍ୱର,୨୪/୧(ନି/ପ୍): କୃଷି ଓଡ଼ିଶା-୨୦୨୬ ଗୁରୁବାର ବରମୁଣ୍ଡାର ବିଜୁ ପଟ୍ଟନାୟକ ଖେଳପଡ଼ିଆରେ ଉପ-ମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ଉଦ୍ଘାଟିତ ହୋଇଛି । କୃଷି ଓଡ଼ିଶା ନବସୃଜନ, ବଜାର ସଂଯୋଗ ଓ ସ୍ଥାୟୀ ଅଭ୍ୟାସ ମାଧ୍ୟମରେ ରାଜ୍ୟର କୃଷି କ୍ଷେତ୍ରରେ ବିପୁଳ ଆଣିବାର ଲକ୍ଷ୍ୟ ରଖିଛି ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । କୃଷି ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ କୃଷି ଓଡ଼ିଶା ସଂସ୍ଥାଗତ ସହଯୋଗ ଓ ପାରସ୍ପରିକ ସହଭାଗୀତାର ଅବସର ଆଣିଦେବଛି ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ , କୃଷି ବିଭାଗ ଡକ୍ଟର ପାଡୀ ଅଭିହିତ କରିଛନ୍ତି । କୃଷି ଓଡ଼ିଶା-୨୦୨୬ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶ୍ରେଷ୍ଠ ଉତ୍ପାଦନ ଉତ୍ପାଦନ, ପ୍ରଦର୍ଶନ, ପ୍ରକ୍ରିୟାକରଣ ଓ କାର୍ଯ୍ୟଶୈଳୀ, ନୂତନ ପ୍ରଯୁକ୍ତିବିଦ୍ୟାର ପ୍ରଦର୍ଶନ ଏବଂ କୃଷକ, ବଜାର ଓ କୃଷି ଉଦ୍ୟୋଗୀଙ୍କ ମଧ୍ୟରେ ସଂଯୋଗ ସ୍ଥାପନ ।

ଉଦ୍‌ଚିତନଗର ମିନି ଷ୍ଟାଡ଼ିୟମ ପଡ଼ିଆରେ ଗଣତନ୍ତ୍ର ଦିବସକୁ ନେଇ ପୋଲିସ , ଏନସିସି, ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ପରେଡ଼ ଅଭ୍ୟାସ କରୁଛନ୍ତି

ସୁସ୍ଥହୋଇ ଫେରିଲେ କୋ-ପାଇଲଟ୍ ତରୁଣ ଶ୍ରୀବାସ୍ତବ

ରାଉରକେଲା,୨୪/୧(ନି/ପ୍): ହସ୍ପିଟାଲରେ ୧୩ ଦିନ ଚିକିତ୍ସାହେବା ପରେ ସୁସ୍ଥହୋଇ ଶୁକ୍ରବାର ଘରକୁ ଫେରିଛନ୍ତି କୋ-ପାଇଲଟ୍ ତରୁଣ ଶ୍ରୀବାସ୍ତବ । ତରୁଣଙ୍କୁ କେକ୍ ଖାଇ ଓ ପୁଷ୍ପଗୁଚ୍ଛ ଦେଇ ହସ୍ପିଟାଲରୁ ବିଦାୟ ଦିଆଯାଇଥିଲା । ସାଥିରେ ଥିଲେ ତରୁଣଙ୍କ ପତ୍ନୀ ଓ ପରିବାର ଅନ୍ୟ ସଦସ୍ୟ । ଗତ ୧୦ ତାରିଖ ବିମାନ ଦୁର୍ଘଟଣା ସମ୍ପର୍କରେ ଛାଡିଥିବା ଅନୁଭୂତି ସାମ୍ବାଦିକଙ୍କ ଆଗରେ କହିଥିଲେ । ବିମାନ ଦୁର୍ଘଟଣା ସମୟରେ ସେ ବେହୋସ ହୋଇଯାଇଥିଲେ । ଦୁର୍ଘଟଣା ସମ୍ପର୍କରେ କିଛି କାଣିପାରି ନଥିଲେ । କେବଳ ଏତିକି ମନେ ଅଛି ମୋତେ ଜଣେ ଯୁବକ ବିମାନ ଭିତରୁ ବାହାର କରି ଗାଡ଼ିରେ ବସାଇଥିଲେ । ହୋସ ଆସିବା ବେଳେ ସେ ହସ୍ପିଟାଲ ଆଇସିୟୁରେ ଥିଲେ । ମୁଣ୍ଡ, ଅଙ୍ଗ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା । ଡାକ୍ତର ଅରୁଣ କୁମାର ସାହୁ, ଡାକ୍ତର ହିମାଂଶୁ, ଡାକ୍ତର ପ୍ରିୟଙ୍କା ନେତୃତ୍ୱରେ ଗଠିତ ଡାକ୍ତରୀଟିମ୍ ତାଙ୍କର ଜୀବନ ବଚାଂଇଛନ୍ତି । ଭଗବାନ ଓ ଡାକ୍ତରୀଟିମ୍‌ର ଚିକିତ୍ସାରୁ ଦ୍ୱିତୀୟ ଜନ୍ମ ପାଇଛି । କୌଣସି ପରିସ୍ଥିତିରେ ଭୟ କରିବାର ନାହିଁ । ନିଜର କର୍ତ୍ତବ୍ୟ ଧୌର୍ଯ୍ୟର ସହ କରିବାର ଅଛି । ଯାହା ସେ ଓ ତାଙ୍କ ସହଯୋଗୀ ପାଇଲଟ୍ କରିଥିବାରୁ ଯାତ୍ରୀଙ୍କ ଜୀବନ ବଚିଂଯାଇଥିଲା । ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ପାଇଲଟ୍ ପୋଷାକ ପିନ୍ଧି ପୁଣି ବିମାନ ଉଡ଼ାଇବି । ଭୁବନେଶ୍ୱରରୁ ରାଉରକେଲା ବିମାନ ଉଡ଼ାଇ ଆସିବି । ଆପଣମାନେ ମୋତେ ପାଇଲଟ୍ ପୋଷାକରେ ଖୁବ୍ ଶୀଘ୍ର ଦେଖିବେ ବୋଲି ସେ କହିଛନ୍ତି । ଗତ ଚାରିଦିନ ତଳେ ପାଇଲଟ୍ ନବୀନ କାଡଙ୍ଗୀ ସୁସ୍ଥହୋଇ ଘରକୁ ଫେରିଥିଲେ । ଦୁଇଦିନ ପୂର୍ବରୁ ରାଉରକେଲାରୁ ପୁଣାକ ଏୟାର ଲିମ୍ଟ ହୋଇଥିବା ସୁନୀଲ ଅଗ୍ରୱାଲ ଓ ତାଙ୍କ ପତ୍ନୀ ସବିତା ସୁସ୍ଥ ଭୁବନେଶ୍ୱରସ୍ଥ ଘରକୁ ଫେରିଛନ୍ତି । ଶନିବାର ମୃତ ସୁଶୀତଙ୍କ ଭଉଣୀ ଅନିତା ସାହୁଙ୍କୁ ଦ୍ୱିତ୍ୱତାର୍ଜ କରାଯିବ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ଭୁବନେଶ୍ୱରରୁ ରା